52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ ାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004 | Vol. : 45/ Issue : 284 | Brahmapur | Thursday 26 November 2026 | ବର୍ଷ: ୪୫/ ଅଙ୍କ: ୨୮୪ | ଗୁରୁବାର ୨୬ ନଭେମ୍ବର ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ୫.୫.୦୦

ହୋମିଓପାଥିକ ମେଡିକାଲ କଲେଜ ପାଇଁ ସରକାରଙ୍କ ତତ୍ପରତା

ନୂଆପଡ଼ା ଓ ନୟାଗଡ଼ରେ ଖୋଲିବ

ରାଜ୍ୟରେ ବଢ଼ିବ ହୋମିଓପାଥିକ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ସୁଯୋଗ
ଆୟୁଷ ଡାକ୍ତରଙ୍କ ଦରମା ଓ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି

ଭୁବନେଶ୍ୱର, ୨୫।୧୧: ଓଡ଼ିଶାରେ ହୋମିଓପାଥିକ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ନୂଆପଡ଼ା ଓ ନୟାଗଡ଼ ଜିଲ୍ଲାରେ ଦୁଇଟି ନୂଆ ସରକାରୀ ହୋମିଓପାଥିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ରାଜ୍ୟରେ ହୋମିଓପାଥିକ ଚିକିତ୍ସା ଶିକ୍ଷାର ସୁଯୋଗ ବଢ଼ିବା ସହ ଅଧିକ ଲୋକଙ୍କୁ ସ୍ୱାସ୍ଥ୍ୟସେବା ମିଳିପାରିବ।

ବୁଧବାର ଭୁବନେଶ୍ୱରସ୍ଥିତ ଡାକ୍ତର ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲରେ ଆୟୋଜିତ ଜାତୀୟ ବୈଜ୍ଞାନିକ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ବର୍ତ୍ତମାନ ଓଡ଼ିଶାରେ ଚାରିଟି ସରକାରୀ ହୋମିଓପାଥିକ ମେଡିକାଲ କଲେଜ ରହିଛି। ନୂଆପଡ଼ା ଓ ନୟାଗଡ଼ରେ ଆଉ ଦୁଇଟି କଲେଜ ପ୍ରତିଷ୍ଠା ହେଲେ ଏହି ସଂଖ୍ୟା ଛଅକୁ ବୃଦ୍ଧି ପାଇବ। ଏହାଦ୍ୱାରା ରାଜ୍ୟର ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ହୋମିଓପାଥିକ ଚିକିତ୍ସା ଶିକ୍ଷା ଗ୍ରହଣ କରିବାର ଅଧିକ ସୁଯୋଗ ମିଳିବ। ସମ୍ମିଳନୀରେ ରାଷ୍ଟ୍ରପତିଙ୍କ ଉପସ୍ଥିତି ଜାତୀୟ ସ୍ତରର ଏହି ଆୟୋଜନର ଗୁରୁତ୍ୱକୁ ବଢ଼ାଇଥିଲା। ଏଥିରେ ବିଭିନ୍ନ ରାଜ୍ୟର ପ୍ରତିନିଧି, ବୈଜ୍ଞାନିକ ଓ ଡାକ୍ତରମାନେ ଯୋଗଦେଇଥିଲେ। ରାଜ୍ୟରେ ଆୟୁଷ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ସମ୍ପ୍ରସାରଣ ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଢେଙ୍କାନାଳ ଓ ବ୍ରହ୍ମପୁରରେ ୫୦ ଶଯ୍ୟା ବିଶିଷ୍ଟ ସମନ୍ୱିତ ଆୟୁଷ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଖୁବ୍‌ଶୀଘ୍ର ଏଠାରେ ସ୍ୱାସ୍ଥ୍ୟସେବା ଆରମ୍ଭ ହେବ। ସେହିପରି ବାଲେଶ୍ୱରରେ ଆଉ ଏକ ୫୦ ଶଯ୍ୟା ବିଶିଷ୍ଟ ସମନ୍ୱିତ ଆୟୁଷ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ରାଜ୍ୟର ୪୨୨ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଉନ୍ନତ କରାଯାଇଛି। ଏଠାରେ ତୃଣମୂଳ ସ୍ତରରେ ଆୟୁର୍ବେଦ ଓ ହୋମିଓପାଥିକ ଚିକିତ୍ସା ଯୋଗାଇ ଦିଆଯାଉଛି।



ଆୟୁଷ କ୍ଷେତ୍ରରେ ଯୁବ ଡାକ୍ତରଙ୍କୁ ଆକୃଷ୍ଟ କରିବା ଓ କାର୍ଯ୍ୟରତ ଡାକ୍ତରଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ନେଇଛନ୍ତି।

ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜର ସ୍ନାତକୋତ୍ତର ଛାତ୍ରଛାତ୍ରୀ ଏବଂ ହାଉସ୍ ସର୍ଜନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରାଯାଇଛି। ଏଥିସହ ହୋମିଓପାଥିକ ମେଡିକାଲ ସର୍ଭିସ୍ କ୍ୟାଡର, ଆୟୁର୍ବେଦିକ ମେଡିକାଲ ସର୍ଭିସ୍ କ୍ୟାଡର ଓ ଆୟୁଷ ସହାୟକ କ୍ୟାଡରର ପୁନର୍ଗଠନ କରାଯାଇଛି। ନୂଆ ବେତନ ହାର ମଧ୍ୟ ଲାଗୁ କରାଯାଇଛି। ଏହାସହ ଚୁକ୍ତିଭିତ୍ତିକ ଅଧ୍ୟାପକ, ରିଡର ଓ ପ୍ରଫେସରଙ୍କ ଦରମା ବୃଦ୍ଧି କରାଯାଇଛି। ହୋମିଓପାଥିକ ଚିକିତ୍ସା ଓ ଆୟୁର୍ବେଦ ସହ ଆଧୁନିକ ଚିକିତ୍ସା ପଦ୍ଧତିର ମହତ୍ତ୍ୱ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଗବେଷଣାର ଗୁଣବତ୍ତା, ରୋଗୀଙ୍କ ସୁରକ୍ଷା ଓ ବୈଜ୍ଞାନିକ ପ୍ରମାଣ ଉପରେ ଗୁରୁତ୍ୱ ଦେଇଛନ୍ତି।

ଡାକ୍ତର ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲକୁ ଜାତୀୟ ସ୍ତରର ଏକ ପ୍ରମୁଖ ଅନୁଷ୍ଠାନ ଭାବେ ପ୍ରଶଂସା କରିବା ସହ ଏହାର ଶିକ୍ଷକ ଓ ଭିତ୍ତିଭୂମିର ଉନ୍ନତି ପାଇଁ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି। ସରକାର, ଶିକ୍ଷାନୁଷ୍ଠାନ, ଗବେଷକ ଓ ଚିକିତ୍ସକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବୈଜ୍ଞାନିକ ଗବେଷଣା ଓ ସ୍ୱାସ୍ଥ୍ୟସେବାର ଉନ୍ନତି ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଓଡ଼ିଶା ଗସ୍ତ ସାରି ଦିଲ୍ଲୀ ଫେରିଗଲେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୫।୧୧: ଦୁଇ ଦିନିଆ ଓଡ଼ିଶା ଗସ୍ତ ଶେଷ କରି ନୂଆଦିଲ୍ଲୀ ଫେରିଗଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ମେୟର ସୁଲୋଚନା ଦାସ ପ୍ରମୁଖ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ସେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ଫେରିଯାଇଛନ୍ତି। ଗତକାଲି ସେ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ଆଜି ରାଜଧାନୀର ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲ୍ ପରିସରରେ ହୋମିଓପାଥି ଉପରେ ଆୟୋଜିତ ଜାତୀୟ ବୈଜ୍ଞାନିକ ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଡଙ୍ଗା ଭସାଇଥିଲେ ଏଣେ ଗତକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକର ଐତିହାସିକ ବାଲିଯାତ୍ରର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସାମିଲ ହେବା ପୂର୍ବରୁ ରାଷ୍ଟ୍ରପତିଙ୍କ ସହିତ ଅନ୍ୟ ଅତିଥିମାନେ କଳିଙ୍ଗ ତରଙ୍ଗିଣୀରେ ସିଲଭର ସିଟି ବୋଟ୍ କ୍ଲବ୍‌ରୁ କଟକ ଇନ୍ କଟକ ପର୍ଯ୍ୟନ୍ତ ଆସିଥିଲେ। ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଡଙ୍ଗା ଭସାଇଥିଲେ। ଅତିଥିମାନେ ଜାତୀୟସ୍ତରୀୟ ପଲ୍ଲିଶ୍ରୀମେଳାକୁ ଉଦ୍‌ଘାଟନ କରିଥିଲେ।



ଟେରାକୋଟା କାରିଗରଙ୍କ ସହିତ ଆଲୋଚନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି, ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଇଣ୍ଡୋନେସିଆ ଦୂତାବାସର ଚାର୍ଜ ଡି' ଆଫାୟାର୍ସ ୟୁଧୋ ସାସୋଙ୍ଗକୋ, କଟକ ସାଂସଦ ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟକ ସୋଫିଆ ଫିର୍ଦ୍ଦୌସ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଞ୍ଚାସୀନ ଥିଲେ। ଏହି ଅବସରରେ ବାଲିଯାତ୍ରାର ସ୍ମରଣିକା ଉନ୍ମୋଚିତ ହୋଇଥିଲା।

ଏସ୍‌ଆଇ ପ୍ରଭାସିନୀ ମୃତ୍ୟୁ ମାମଲା

ନିର୍ଯାତନା ଅଭିଯୋଗ ଆଣିଲେ ପରିବାର

ପୁରୁଷୋତ୍ତମପୁର, ୨୫।୧୧: ଗଞ୍ଜାମଜିଲ୍ଲା ପୁରୁଷୋତ୍ତମପୁର ଥାନାରେ ଏସ୍‌ଆଇ ଭାବେ କାର୍ଯ୍ୟରତ ପ୍ରଭାସିନୀ ସାହୁଙ୍କ ମୃତ୍ୟୁ ଘଟଣାରେ ମୁହଁ ଖୋଲିଛନ୍ତି ମୃତାଙ୍କ ବାପା ଭୀମସେନ ସାହୁ। ସେ କହିଛନ୍ତି, ତାଙ୍କ ଝିଅ (ଏସ୍‌ଆଇ ପ୍ରଭାସିନୀ ସାହୁ) ଚାକିରିରୁ ଇସ୍ତଫା ଦେବାକୁ ଚାହୁଁଥିଲେ। କିନ୍ତୁ ଝିଅର ଶାଶୁ, ଶ୍ୱଶୁର, ସ୍ୱାମୀ ସମସ୍ତେ ଚାକିରି ନ ଛାଡ଼ିବା ଲାଗି ସବୁ ବେଳେ ଚାପ ପକାଉଥିଲେ। ଚାକିରି କଲେ ଘରକୁ ପଇସା ଆସିବ ବୋଲି କହୁଥିଲେ ସେମାନେ ବୋଲି ଆଜି ଦଶରଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପ୍ରଭାସିନୀ ସାହୁଙ୍କ ବାପା। ଝିଅକୁ ଶାରୀରିକ ଓ ମାନସିକ ଚାପ ଦେଉଥିବା ନେଇ ଶାଶୁଘର ଲୋକଙ୍କ ବିରୁଦ୍ଧରେ ଥାନାରେଅଭିଯୋଗ କରିଛନ୍ତି। ଏଣୁ ସେହି ଦିଗରେ ତଦନ୍ତ ହେବା ଦରକାର ଓ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ଏସ୍‌ଆଇ ପ୍ରଭାସିନୀ ସାହୁଙ୍କ ଝୁଲନ୍ତା ଶବ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ଉଦ୍ଧାର ହୋଇଥିଲା। ୨ମାସର ଗର୍ଭବତୀ ଥିବା ପ୍ରଭାସିନୀଙ୍କ ଚରମ ନିଷ୍ପତ୍ତି ପଛରେ କାର୍ଯ୍ୟର ଚାପ, ମାନସିକ ଅବସାଦ ନା ଅନ୍ୟ କିଛି କାରଣ ରହିଛି, ସେନେଇ କିଛି ସ୍ପଷ୍ଟ ହୋଇପାରିନି। ତାଙ୍କ ଝିଅ ଆତ୍ମହତ୍ୟା କରିନି। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ମୃତ ପ୍ରଭାସିନୀଙ୍କ ବାପା ଭୀମସେନ ସାହୁ ଅଭିଯୋଗ କରିଥିଲେ। ସେ ପୁରୁଷୋତ୍ତମପୁର ଥାନା ପରିସରରେ ଥିବା କ୍ୱାର୍ଟର୍ସରେ ଏକୁଟିଆ ରହୁଥିବା ବେଳେ ରେଳବାଇରେ କାର୍ଯ୍ୟରତ ସ୍ୱାମୀ ରାଉରକେଲାରେ ରହୁଛନ୍ତି। ପ୍ରଭାସିନୀ ଏହା ମଧ୍ୟରେ ବହୁ ମାମଲାର ଗୁରୁ ଦାୟିତ୍ୱ ସମ୍ଭାଳି ଆସୁଥିଲେ। କିନ୍ତୁ ତାଙ୍କର ଏଭଳି ମୃତ୍ୟୁକୁ ସହକର୍ମୀମାନେ ବି ଗ୍ରହଣ କରିପାରୁ ନାହାନ୍ତି। ଏହି ଘଟଣା ନେଇ ଗଞ୍ଜାମ ଏସ୍‌ପି ହରୀଶ ବିସି, ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ ଓ ପୁରୁଷୋତ୍ତମପୁର ଥାନାଧିକାରୀ ଜୁଲମଣି ସେଠୀଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଛାନ୍‌ଭିନ୍ କରିଛି। କେସ୍ ନମ୍ବର ୩୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ବିଭିନ୍ନ ଦିଗରୁ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି। ଓଡ଼ିଶା ପୁଲିସ ବିଭାଗରେ ବହୁ ଏସ୍‌ଆଇ ପଦ ଖାଲି ଥିବା ବେଳେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ଅତ୍ୟଧିକ ଚାପ ଯୋଗୁଁ ଏଭଳି ଘଟଣା ଘଟୁଥିବା ଓଡ଼ିଶା ପୁଲିସ ଅଫିସର ସଂଘ ସଭାପତି ରସିତ୍ ରଞ୍ଜନ ଜେନା ଅଭିଯୋଗ ଆଣିଛନ୍ତି।

ଛାଡ଼ଖାଇ: ୧୦ କୋଟିରୁ ଊର୍ଦ୍ଧ୍ୱ ବେପାର

ଭୁବନେଶ୍ୱର, ୨୫।୧୧ : ଜମିଲା ଛାଡ଼ଖାଇ। ବୋହିନେଲେ ଟନ ଟନ ମଟନ , ଚିକେନ, ମାଛ , କଙ୍କଡା ଚିଙ୍ଗୁଡି। ମାସ ଯାକର ହବିଷ୍ୟ ବ୍ରତ ପରେ ଆସିଛି ଛା ଖାଇ। ସକାଳୁ ସକାଳୁ ଖଚାଖଚ ଭିଡ ଥିଲା ରାଜଧାନୀର ବିଭିନ୍ନ ଆମିଷ ବଜାର। ବୁଧବାର ଆମିଷ ବାରି ସାଙ୍ଗକୁ ଜମିଥିଲା ଛାଡଖାଇ ବଜାର। ଚାରି ନମ୍ବର ମାଛ ମାର୍କେଟ ଠାରୁ ଆରମ୍ଭ କରି ଡମଣା, ସୁନ୍ଦରପଦା , ଆଇଗିଣିଆ, ଶହିଦ ନଗର, ବଡଗଡ ଆମିଷ ବଜାରରେ ଗ୍ରାହକଙ୍କ ନାହି ନଥିବା ଭିଡ ଦେଖିବାକୁ ମିଳିଥିଲା। ମଟନ୍ ଦର ୯୦୦ ରୁ ୧୦୦୦ଟଙ୍କା ରହିଛି । ସେହିପରି ଚିକେନ ଦର ରୁ ୨୩୦ରୁ ୨୫୦ ଟଙ୍କା ମଧ୍ୟରେ ରହିଛି। ଇଲିସି ଦର ସାଇଜ ଅନୁସାରେ ୧୦୦୦ ଟଙ୍କାରୁ ଆରମ୍ଭ କରି ୨୫୦୦, ଭାକୁର ୨୬୦ ରୋହି ୨୨୦, ଭେକଟି ୬୦୦ରୁ୧୫୦୦, କଙ୍କଡା ଆକର ଅନୁସାରେ ୫୦୦ରୁ ୨୫୦୦ ଟଙ୍କା ରହିଛି। ମିଠା ନଈ ଚିଙ୍ଗୁଡ଼ିର ମଧ୍ୟ ଚାହିଦା ରହିଥିଲା। ଟାଇଗର ଚିଙ୍ଗୁଡ଼ି ୧୨୦୦ ଟଙ୍କା, ଚିଲିକା ବାଘ୍ମା ଚିଙ୍ଗୁଡ଼ି ଦର ୧୦୦୦ ଟଙ୍କା, ଲବଷ୍ଟର କିଲୋ ୨୫୦୦, କଙ୍କାଳି ଚିଙ୍ଗୁଡି ଦର ୭୦୦ରୁ ୧୨୦୦ ଟଙ୍କା ରହିଛି। ମିରିକାଳି, ପୋହଳା, ଡୋଡ଼ି, ଶେଉଳ, ବାଲିଆ, ଜଳଙ୍ଗ, ଆଳି, କେରାଣ୍ଡି, କଉ, ମହୁରାଳି ସମେତ ସମୁଦ୍ର ମାଛ ଇଲିସି, ପାମ୍ପଲେଟ୍, କଣି, ପାଣିଆଖିଆ,



ଖଣ୍ଡାବାଲିଆ ଆଦିର ଚାହିଦା ଅଧିକ ଥିଲା। ପାଖାପାଖି ରାଜଧାନୀରେ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କେବଳ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ବିକ୍ରି ହୋଇଛି । ଛାଡଖାଇରେ ଆମିଷ ପ୍ରେମୀଙ୍କ ପ୍ରଥମ ପସନ୍ଦ ଥିଲା ଦେଶି ମଟନ। ସେପଟେ ଓଡିଶା ନନଭେଜ ଟ୍ରେଡର ଫେଡେରେସନ କହିବା କଥା ଓଡ଼ିଶାରେ ଖାସି ଛେଳିର ଅଭାବ ରହିଛି। ମଟନ ପାଇଁ ବାହାର ରାଜ୍ୟ ଉପରେ ନିର୍ଭରଶୀଳ। ମାତ୍ର ୨୦ ପ୍ରତିଶତ ଖାସି ଛେଳି ଓଡିଶାରୁ ଉତ୍ପାଦନ ହେଉଥିବା ବେଳେ ୮୦ ପ୍ରତିଶତ ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ। ସରକାରଙ୍କ ଫାର୍ମିଙ୍ଗ ପାଇଁ ଅଧିକ ବ୍ୟବସ୍ଥା କରିବାକୁ ଦାବି କରିଛି ଓଡିଶା ନନଭେଜ ଟ୍ରେଡର ଫେଡେରେସନ । ସେପଟେ ଚଳିତ ବର୍ଷ ସାମୁଦ୍ରିକ ବାତ୍ୟା ଅକଭାନ ପାଇଁ ସାମୁଦ୍ରିକ ମାଛ ଧରିବା ଉପରେ ପ୍ରଭାବ ପକାଇଛି । ଏହା ସହ ଆନ୍ଧ୍ରରେ ଭୋଟ ପରିସ୍ଥିତି ଯୋଗୁ ମାଛ ଯୋଗାଣରେ ବାଧାପ୍ରାପ୍ତ ଯୋଗୁ ମାଛ ଦର ଉପରେ ପ୍ରଭାବ ପଡିଥିବା କହିଛି ଜୟ ଜବାନ ମତ୍ସ୍ୟ ବ୍ୟବସାୟୀ ସଂଘ। ପରଲଗା ଦେଶୀ କୁକୁଡା କିଲେ ପ୍ରତି ୫୦୦ ଟଙ୍କା ଥିବାବେଳେ ମୟୂରଭଞ୍ଜ ଓ କେନ୍ଦୁଝରରୁ କିଛି ଦେଶୀ କୁକୁଡ଼ା ଓ ଖାସି ମାଂସ ରାଜଧାନୀର ଆମିଷ ପ୍ରେମୀଙ୍କ ପ୍ରଥମ ପସନ୍ଦ ଥିଲା । ଅଲଗା ଦିନ ଅପେକ୍ଷା ଆଜି ଅଧିକ ବିକ୍ରି ହୋଇଥିବାରୁ ବେଶ୍ ଖୁସି ବ୍ୟବସାୟୀ।

ଚାଷୀ ସମସ୍ୟା ଓ ଜଳସେଚନକୁ ନେଇ ବିଧାନସଭାରେ ହଟ୍ଟଗୋଳ

ଭୁବନେଶ୍ୱର, ୨୫।୧୧: ବିଧାନସଭାରେ ପ୍ରଶ୍ନକାଳ ପାଇଁ ନିର୍ଦ୍ଧାରିତ ହୋଇଥିଲା ଏକାଧିକ ପ୍ରଶ୍ନ। ହେଲେ ଦୀର୍ଘ ଆଲୋଚନା ଓ ସମୟ ଅଭାବ ଯୋଗୁଁ ମାତ୍ର ୩ଟି ପ୍ରଶ୍ନର ଉତ୍ତରରେ ସୀମିତ ରହିଗଲା ଗୃହର କାର୍ଯ୍ୟ। ଚାଷୀଙ୍କ ସମସ୍ୟା, ଧାନ ସଂଗ୍ରହ, ଜଳସେଚନ ଓ ମଣ୍ଡିର ଭିତ୍ତିଭୂମି ଭଳି ପ୍ରସଙ୍ଗକୁ ନେଇ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଅତିରିକ୍ତ ପ୍ରଶ୍ନ ଉଠାଇବାରୁ ନିର୍ଦ୍ଧାରିତ ସମୟ ଶେଷ ହୋଇଯାଇଥିଲା। ଚତୁର୍ଥ ପ୍ରଶ୍ନର ଉତ୍ତର ଦେବାକୁ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଆରମ୍ଭ କରିଥିବା ବେଳେ ସମୟ ସରିଯାଇଥିଲା। ପ୍ରଶ୍ନକାଳ ଆରମ୍ଭରେ ପ୍ରଥମ ସ୍ଥାନାନ୍ତରିତ ପ୍ରଶ୍ନ ଉଠିପାରି ନଥିଲା। ସମ୍ପୃକ୍ତ ବିଧାୟକ ଓମ୍‌ପ୍ରକାଶ ମିଶ୍ର ନିଜ ଆସନରେ ଉପସ୍ଥିତ ନଥିବାରୁ ଏହାକୁ ଗ୍ରହଣ କରାଯାଇନଥିଲା। ପରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ବାଙ୍କିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ ନିଜ ନିର୍ବାଚନମଣ୍ଡଳୀରେ କୃଷି ଯୋଜନା ଓ ଚାଷୀଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ଏହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ବାଙ୍କିରିପୋଷି ଅଞ୍ଚଳରେ ୬୭ ହଜାର ୭୧୭ ଜଣ ପଞ୍ଜୀକୃତ ଚାଷୀ ରହିଛନ୍ତି। ସେମାନେ ମୋଟ ୪୮ ହଜାର ୯୫୦ ହେକ୍ଟର ଜମିରେ ଚାଷ କରୁଛନ୍ତି। ଏଥିରୁ ୩୨ ହଜାର ୩୮ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳୁଥିବା ବେଳେ ୧୬ ହଜାର ୯୧୨ ହେକ୍ଟର ଜମି ଏବେ ବି ଅଣଜଳସେଚିତ ରହିଛି। ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଚାଷୀଙ୍କୁ ଦିଆଯାଇଥିବା ଅର୍ଥର ହିସାବ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଗୃହରେ ରଖିଥିଲେ। ୨୦୨୪-୨୫ରେ ୨୮ ହଜାର ୩୩୮ ଜଣ ଚାଷୀଙ୍କୁ ୧୫ କୋଟି ୬୬ ଲକ୍ଷ ୩୦ ହଜାର ଟଙ୍କା ମିଳିଥିଲା। ୨୦୨୫-୨୬ରେ ୨୮ ହଜାର ୧୨୭ ଜଣ ଚାଷୀଙ୍କୁ ୧୬ କୋଟି ୭୪ ଲକ୍ଷ ୬୮ ହଜାର ଟଙ୍କା ଦିଆଯାଇଥିଲା। ସେହିପରି ୨୦୨୬-୨୭ରେ ଏପର୍ଯ୍ୟନ୍ତ ୨୯ ହଜାର ୪୧୫ ଜଣ ଚାଷୀଙ୍କୁ ୧୧ କୋଟି ୬୮ ଲକ୍ଷ ୫୬ ହଜାର ଟଙ୍କା ମିଳିଛି। ଏହି ବର୍ଷର ଶେଷ କିସ୍ତି ଏପର୍ଯ୍ୟନ୍ତ ବାକି ରହିଛି। ଚାଷୀଙ୍କ ଫସଲ ଋଣ, ଫସଲ ବୀମା ଓ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ମଧ୍ୟ ଗୃହରେ ତଥ୍ୟ ରଖାଯାଇଥିଲା। ଏହାପରେ ବିଭିନ୍ନ ଦଳର ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସତ୍ୟଜିତ ଗମାଙ୍ଗୋ, ସନାତନ ବିଜୁଳି, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଗଣେଶ୍ୱର ବେହେରା ଓ ସିଦ୍ଧାନ୍ତ ମହାପାତ୍ର ନିଜ ନିଜ ଅଞ୍ଚଳର ଚାଷୀ ସମସ୍ୟା ଉଠାଇଥିଲେ। ଜଳସେଚନର ଅଭାବ ନେଇ ବିଧାୟିକା ସଞ୍ଜଳି ମୁର୍ମୁ ଧାନ ଆକର୍ଷଣ କରିବାରୁ ଏହାର ଯାଞ୍ଚ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ଚୁଡ଼ାମଣି ମାଛଧରା ବନ୍ଦର ପାଇଁ ୧୭୧.୭୧ କୋଟିର ଯୋଜନା ଚୁଡ଼ାମଣି ଜେଟି

ଭଞ୍ଜୀପୁର ଜଗଦ୍ଧାତ୍ରୀ ମେଳା - ୨୦୨୬ ଉଦଘାଟିତ



ବାରିପଦା, ୨୪।୧୧ (ଆନିସ): ସ୍ଥାନୀୟ ଭଞ୍ଜପୁର ଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା - ୨୦୨୬ ଉଦଘାଟିତ ହୋଇଯାଇଛି ମା ଜଗଦ୍ଧାତ୍ରୀଙ୍କ ୭୪ ତମ ପୂଜା ଅବସରରେ ଆୟୋଜିତ ୩୨ ତମ ମେଳାକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସୟ, ସମ୍ମାନନୀୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଓ ସ୍ୱତନ୍ତ୍ର ଅତିଥି ଭାବେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ଼. ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ଉଦଘାଟନ କରିବା ସହ ମେଳାର ଉତ୍ତୋରତର ଉନ୍ନତି କାମନା କରିଥିଲେ ପୂଜା କମିଟି ଅଧକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମେଳା କମିଟି ଅଧକ୍ଷ ତଥା ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, କାର୍ଯ୍ୟକାରୀ କମିଟି ଅଧକ୍ଷ ତଥା ନଗରପାଳ କୃଷ୍ଣନନ୍ଦ ମହାନ୍ତି, ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ଉପଦେଷ୍ଟା କମିଟିର ଅଧକ୍ଷ ଡ଼. ଦେବାଶିଷ ମାରାଣ୍ଡି, ଉପାଧକ୍ଷ ତଥା ସମାଜସେବୀ ନନ୍ଦିକେଶ ଶେଜପଡା, ସାଧାରଣ ସମ୍ପାଦକ ରସିକାନନ୍ଦ ମିଶ୍ର, ପ୍ରସନ୍ନଜିତ ମହାନ୍ତି, ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ ପ୍ରମୁଖ ଉପସ୍ଥିତ ରହି ମେଳାକୁ ଶାନ୍ତିଶୃଙ୍ଖଳା ସହ ଉପଭୋଗ କରିବାକୁ ଅନୁରୋଧ କରିଥିଲେ ଗଣମାଧମ ସଂଯୋଜକ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ ଅନୁରାଧା ମହାନ୍ତି, ସୋନାଲି ମୁର୍ମୁ, ସାଇ ଜ୍ୟୋତି ଓ ସାଇ ପ୍ରୀତି ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ଶେଷରେ ଆଦିବାସୀ ସ୍ଟୁଡେଣ୍ଟ ୟୁନିୟନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ମେଳାରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଷ୍ଟଲ ପ୍ରଦର୍ଶିତ ହୋଇଛି ଓ ମେଳା ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏହି ଅବସରରେ ମେଳାକୁ ସଫଳ କରିବା ପାଇଁ ସହଯୋଗର ହାତ ବଢ଼ାଇଥିବା ଜିଲ୍ଲା ପ୍ରଶାସନ, ଜିଲ୍ଲା ପୋଲିସ ପ୍ରଶାସନ, ଅଗ୍ନିଶମ ବିଭାଗ, ବାରିପଦା ମୁନିସିପାଲିଟି, ରେଳ ବିଭାଗ, ବିଦ୍ୟୁତ ବିଭାଗ ଏବଂ ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କୁ କମିଟି ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା

ଦ୍ୱିତୀୟ ଦିନରେ ୨୩ତମ କୁଚିଣ୍ଡା ବାଲିଯାତ୍ରା ମହୋତ୍ସବ
ସାଂସ୍କୃତିକ ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ, ଯୋଗଦେଲେ ପଞ୍ଚାୟତିରାଜ ମନ୍ତ୍ରୀ

କୁଚିଣ୍ଡା, ୨୫।୧୧ (ଆନିସ):ସମ୍ବଲପୁର ଜିଲ୍ଲା କୁଚିଣ୍ଡା-ସଇଡ଼ା ଭେଡେନ ନଦୀ କୂଳସ୍ଥିତ ଡଙ୍ଗାଘାଟ ବାଲିଯାତ୍ରା ପଡ଼ିଆରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆୟୋଜିତ ୨୩ତମ ବିରାଟ ବାଲିଯାତ୍ରା ମହୋତ୍ସବ ଦ୍ୱିତୀୟ ଦିନରେ ପହଞ୍ଚିଛି। ନଭେମ୍ବର ୨୩ ତାରିଖ ସୋମବାର ଆରମ୍ଭ ହୋଇଥିବା ଏହି ମହୋତ୍ସବ ୨୫ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହେବାମହୋତ୍ସବ ଅବସରରେ କାର୍ତ୍ତୀକ ଭଗବାନ, ହରଗୌରୀ ଭଗବାନ,ଙ୍କ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଚାଲିଛି। କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋର ସମୟରେ ଭେଡେନ ନଦୀରେ ପାରମ୍ପରିକ ଡଙ୍ଗା ଭସାଣ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ଡଙ୍ଗା ଭସାଇଥିଲେ।ଦ୍ୱିତୀୟ ଦିନରେ ଅପରାହ୍ନରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଜମିଥିଲା। ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଦଳଗତ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ପରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଏବଂ ସାଂସଦଙ୍କ ପ୍ରତିନିଧି ସୁଶିଲ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।ଏହି ମହୋତ୍ସବରେ କମିଟି ସଭାପତି ବିକୁ ସାହୁ, ସମ୍ପାଦକ ଖଗେଶ୍ୱର ସେନାପତି, ସହସମ୍ପାଦକ ବିଶ୍ୱନାଥ କଣ୍ଡରା, ଶିବନାରାୟଣ ସାହୁ, ଉପସଭାପତି ରାଜେଶ ସାହୁ, କୋଷାଧକ୍ଷ ଖିରୋଦ ସା, ପୋଲସ୍ତି ପାତ୍ର, ପୂଜକ ପ୍ରକାଶ ପୁରୋହିତ ଓ କର୍ତ୍ତା ବିଶ୍ୱ ପୃଷ୍ଠେଠାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ମହୋତ୍ସବରେ ଅଞ୍ଚଳର ବହୁ ସଂଖ୍ୟକ ଜନସାଧାରଣଙ୍କ ସମାଗମ ହୋଇଥିବା ବେଳେ ଉତ୍ସବମୁଖର ହୋଇଉଠିଥିଲା ସମଗ୍ର ବାଲିଯାତ୍ରା ପଡ଼ିଆ।

ସେବା ଓ ସଚେତନତାର ବାର୍ତ୍ତା ଦେଲା ଖରସ୍ରୋତା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶିବର



ବିଂଝାରପୁର, ୨୫।୧୧ (ଆନିସ): ଶିକ୍ଷା ସହ ସେବା, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧର ମହତ୍ତ୍ୱକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଜ୍ଜୀବିତ କରିବା ଲକ୍ଷ୍ୟରେ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର ସାତଦିନିଆ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ନଭେମ୍ବର ୧୮ରୁ ଆରମ୍ଭ ହୋଇଥିବା ଏହି ଶିବିରରେ ମୋଟ ୫୦ ଜଣ ସ୍ୱେଚ୍ଛା ସେବୀ ଅଂଶଗ୍ରହଣ କରିଥିଲେ।ଶିବିରର ସାତଦିନ ମଧ୍ୟରେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ସଫେଇ ଓ ସେବାମୂଳକ କାର୍ଯ୍ୟରେ ନିୟୋଜିତ ହେବା ସହ ପରିବେଶ ସୁରକ୍ଷା, ସାମାଜିକ ସଚେତନତା ଓ ଜନସେବା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ଯୋଗଦେଇଥିଲେ।ଏହି ଅବସରରେ ଅଧ୍ୟାପକ ବିଜୟ କୁମାର ପତି, ମୀନକେତନ ତ୍ରିପାଠୀ, ଡ. ଅରୁଣ କୁମାର ସାମଲ ଓ ଶରତ ଚନ୍ଦ୍ର ରାଉତ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କ ସେବା ମନୋଭାବ, ଶୃଙ୍ଖଳା ଓ ଉତ୍ସାହର ପ୍ରଶଂସା କରିଥିଲେ। ଏଭଳି ଶିବିର ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ବାହାରେ ସମାଜକୁ ଜାଣିବା, ଲୋକଙ୍କ ସମସ୍ୟା ବୁଝିବା ଏବଂ ସାମାଜିକ କାର୍ଯ୍ୟରେ ସକ୍ରିୟ ଭାଗ ନେବାକୁ ପ୍ରେରଣା ଯୋଗାଇଥାଏ ବୋଲି ମତ ପ୍ରକାଶ ପାଇଥିଲା।ଯୋଜନା ଅଧିକାରୀ ଚନ୍ଦନ ପତି ଓ ଅଧ୍ୟାପିକା ଅର୍ପିତା ସ୍ୱାଇଁ ଉତ୍ସବର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉତ୍ସବକୁ ଆକର୍ଷଣୀୟ କରିଥିଲେ। ଶେଷରେ ଅତିଥିମାନେ କୃତୀ ସ୍ୱେଚ୍ଛାସେବୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ଫୁଲବାଣୀରେ ଅତ୍ୟାଧୁନିକ ରେଷ୍ଟୁରାଣ୍ଟ ଜୋରା ଉଦଘାଟିତ



ଫୁଲବାଣୀ -୨୫/୧୧(ଆନିସ): ବୁଧବାର ଫୁଲବାଣୀ ସହର ର ଜେଲ ରୋଡ଼ ରେ ଥିବା ହୋଟେଲ ରୟାଲ ପ୍ଲାଜା ଗ୍ରାଉଣ୍ଡ ଫ୍ଲୋର ରେ ଅତ୍ୟାଧୁନିକ ଶୈଳୀ ରେ ଏକ ରେଷ୍ଟ ରୁରାଣ୍ଟ ଜୋରା ଉଦଘାଟିତ ହୋଇଛି ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁନାମ ଧନ୍ୟ ଚଳଚିତ୍ର ଅଭିନେତ୍ରୀ ଶିବାନୀ ସଂଗୀତା ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ ଅଭିନେତ୍ରୀ ଶିବାନୀ ଙ୍କୁ ବାଜା ବଜାଇ ପଟୁ ଆରରେ ଆଣି ଥିଲେ ଫୁଲବାଣୀ କୁ ସେ ପୂର୍ବରୁ କେବେ ଆସିନଥିବା ଓ ଆଜି ପ୍ରଥମ ଥର ଆସି ଥିବା କହି ଖୁସିବ୍ୟକ୍ତ କରିଥିଲେ ଫୁଲବାଣୀ ର ପ୍ରାକୃତିକ ମନଲୋଭା ପରିବେଶ, ଥଣ୍ଡା ଜଳବାୟୁ ତାଙ୍କୁ ବେଶ ଭଲ ଲାଗିଥିବା କହିବା ସହ ସେ ଆଗାମୀ ଦିନରେ ଫୁଲବାଣୀ ପୁଣି ଆସିବେ ବୋଲି କହିଥିଲେ ଜୋରା ରେସ୍ଟୁ ରାଣ୍ଟ ରେ ବିଭିନ୍ନ ପ୍ରକାର ଇଣ୍ଡିଆନ, ଚାଇନିଜ, କଣ୍ଟିନେଣ୍ଟାଲ ଖାଦ୍ୟ ପ୍ରସ୍ତୁତ ହେଉଥିବା କହିବା ସହ ସହରବାସୀ ଏହାର ମଜା ଉଠାଇବାକୁ କହିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ହୋଟେଲ ମାଲିକ ବାବୁଲା ସେନାପତି, କାବୁଲା ସେନାପତି, ଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ, ବୁଦ୍ଧିଜୀବୀ, ଆଇନଜୀବୀ,କଳାକାର, ୟୁ ଟ୍ୟୁବର,ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

କିଶୋରୀ ବାଳିକାଙ୍କୁ ସଚେତନତା



ଫୁଲବାଣୀ, ୨୫/୧୧ (ଆନିସ): କନ୍ଧମାଳ ଜିଲ୍ଲାରେ କିଶୋରୀ ଗର୍ଭାବସ୍ଥାକୁ ଶୂନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରୟାସ ଆରମ୍ଭ କରାଯାଇଥିବା ବେଳେ ଫୁଲବାଣୀ ର ଏଜେଓ ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ କିଶୋରୀ ଗର୍ଭଧାରଣ ରୋକିବା, ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ଓ ପୋକ୍ସୋ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସଚେତନତା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମ ଦୁଇଟି ବିଦ୍ୟାଳୟରେ ପୃଥକ ଭାବେ କରାଯାଇ ଥିବା ବେଳେ ଏହି କାର୍ଯ୍ୟକ୍ରମ ପୌରାଞ୍ଚଳ ର ବିଭିନ୍ନ ସ୍କୁଲରେ ପ୍ରଶାସନ ପକ୍ଷରୁ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଏହି କାର୍ଯ୍ୟକ୍ରମ ରେ କିଶୋରୀ ଗର୍ଭଧାରଣର କୁପରିଣାମ, ବାଲ୍ୟବିବାହ ରୋକିବା, ଶିଶୁଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସହ ପୋକ୍ସୋ ଆଇନର ଉଦ୍ଦେଶ୍ୟ, ଶିଶୁଙ୍କ ପ୍ରତି ଯୌନ ଅପରାଧର ଆଇନଗତ ଦଣ୍ଡବିଧାନ ଏବଂ ଏଭଳି ଘଟଣା ଘଟିଲେ କିପରି ଆଇନର ସହାୟତା ନିଆ ଯାଇପାରିବ, ସେ ସମ୍ପର୍କରେ ଛାତ୍ରୀ ମାନଙ୍କୁ ସଚେତନ କରାଯାଇଥିଲା। ଉକ୍ତ ବୈଠକ ରେ ଫୁଲବାଣୀ ସିଡିପିଓ ବୈଜୟନ୍ତୀ ମଲ୍ଲିକ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଞ୍ଚଳ ସିଆରସିସି ସରିତା ମହାରଣା, ସୁପରଭାଇଜର ମୌସୁମୀ ବେହେରା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମିନା କୁମାରୀ ଦିଗାଲ, ଆଦି ସଂସ୍ଥାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ। ସିଆରସିସି ଶ୍ରୀମତୀ ମହାରଣା କିଶୋରୀ ମାନଙ୍କ ସୁରକ୍ଷିତ ଭବିଷ୍ୟତ ଗଠନ ସହ ଶିଶୁଙ୍କ ପ୍ରତି ହେଉଥିବା ଅପରାଧ କୁ ରୋକିବା ପାଇଁ ଅଭିଭାବକ, ଶିକ୍ଷକ ଓ ସମାଜର ସମସ୍ତ ବର୍ଗର ଲୋକଙ୍କ ସହଯୋଗ କରାଯାଇଥିଲା। ଉକ୍ତ ବୈଠକ ରେ ଫୁଲବାଣୀ ସିଡିପିଓ ବୈଜୟନ୍ତୀ ମଲ୍ଲିକ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଞ୍ଚଳ ସିଆରସିସି ସରିତା ମହାରଣା, ସୁପରଭାଇଜର ମୌସୁମୀ ବେହେରା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମିନା କୁମାରୀ ଦିଗାଲ, ଆଦି ସଂସ୍ଥାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ। ସିଆରସିସି ଶ୍ରୀମତୀ ମହାରଣା କିଶୋରୀ ମାନଙ୍କ ସୁରକ୍ଷିତ ଭବିଷ୍ୟତ ଗଠନ ସହ ଶିଶୁଙ୍କ ପ୍ରତି ହେଉଥିବା ଅତ୍ୟନ୍ତ ଜରୁରୀ ବୋଲି ମତ ଦେଇଥିଲେ।

ଏହି ଅଭିଯାନରେ ସଚେତନ କିଶୋରୀ, ସୁନ୍ଦର ଭବିଷ୍ୟତ ଉକ୍ତି ସହିତ ମୋବାଇଲର ସୁରକ୍ଷିତ ବ୍ୟବହାର ଏବଂ ବିପଦ ସମୟରେ ସାହାଯ୍ୟ ପାଇଁ ୧୦୯୮,୧୮୧ ଓ ୧୧୨ କୁ ସୂଚନା ଦିଆଯିବା ପାଇଁ ପରାମର୍ଶ ଦିଆଯାଇ ଥିଲା। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀ ମାନଙ୍କୁ ନେଇ ମୁଁ ପ୍ରଥମେ ପାଠ ପଢ଼ିବି, ନିଜ ଗୋଡ଼ରେ ଠିଆ ହେବି, ବାଲ୍ୟ ବିବାହକୁ ନା କହିବି'' ବୋଲି ଶପଥପାଠ କରାଯାଇଥିଲା।

ସିଂହପୁରରେ ରାଧାଗୋବିନ୍ଦଜିଉ ପୀଠର ରାସୋତ୍ସବ ଉଦ୍‌ଯାପିତ



ବିଂଝାରପୁର, ୨୫।୧୧ (ଆନିସ): ବିଂଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁରସ୍ଥିତ ରାଧାଗୋବିନ୍ଦଜିଉ ବଡ଼ଠାକୁରବାଡ଼ିରେ ଅନୁଷ୍ଠିତ ନଅଦିନିଆ ରାହାସ ପୂର୍ଣ୍ଣିମା ଯାତ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଗତ ୧୬ ତାରିଖରୁ ଆରମ୍ଭ ହୋଇ ୨୪ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥିବା ଏହି ଧାର୍ମିକ ଉତ୍ସବରେ ନଅଦିନ ଧରି ଭାଗବତ ପାରାୟଣ ଓ ନାମ ସଂକୀର୍ତ୍ତନ ଆୟୋଜିତ ହୋଇଥିଲା। ଏହାପରେ ରବିବାରଠାରୁ ଯାତ୍ରାନୁଷ୍ଠାନ ପକ୍ଷରୁ ଅପେରା ପରିବେଷଣ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଥିଲା। ରବିବାର ଉଦ୍‌ଘାଟନୀ ଦିବସରେ ଆୟୋଜିତ ସଭାରେ ସ୍ଥାନୀୟ ଯୁବ ସରପଞ୍ଚ ଶଶାଙ୍କ ଶେଖର ଖିଲାର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ ଉତ୍ସବ ଆୟୋଜନରେ ସହଯୋଗ ପାଇଁ କମିଟିର ସମ୍ପାଦକ ମଳୟ କୁମାର ଥାଟୋଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କମିଟିର ସଭାପତି ପ୍ରଦୀପ କୁମାର ଜେନା, କୋଷାଧକ୍ଷ ଅସିତ କୁମାର ଧଳ, ଉମେଶ ଚନ୍ଦ୍ର ଥାଟୋଇଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଧାର୍ମିକ ପରମ୍ପରା ଓ ଲୋକକଳାର ସମନ୍ୱୟରେ ଆୟୋଜିତ ଏହି ଉତ୍ସବ ସିଂହପୁର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା।

ଖବର ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି କାହିଁକି



ଖପ୍ରାଖୋଲ ୨୫।୧୧ (ଆନିସ) : ଖପ୍ରାଖୋଲ ପଞ୍ଚାୟତ ମହୁରୁଣ୍ଡି ଗ୍ରାମର ମୁଣ୍ଡା ପଡ଼ା ଠାରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ୧ ମାସ ହେଲା ଅଚଳ ପଡ଼ିରହିଛି ରାତି ହେଲେ ଅନ୍ଧକାର ମୟ ହୋଇ ପଡୁଛି ଲୋକେ ଅନ୍ଧାରେ ଯିବା ଆସିବା କରୁଛନ୍ତି । ଏନେଇ ଦୀର୍ଘ ଦିନ ହେଲା ଖବର ପ୍ରକାଶିତ କରି ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବିଡ଼ିଓ ମହାଶୟ ଏବଂ ଖପ୍ରାଖୋଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ବାବୁ ଓ ସରପଞ୍ଚ ଜାଣିଶୁଣି କୁମ୍ଭକର୍ଣ୍ଣ ନିଦ୍ରା ଅଭିନୟ କରି ଦୃଷ୍ଟି ଦେଉନାହାନ୍ତି । ଯଦିଓ କୌଣସି ପ୍ରକାରର ଅଘଟଣ ଘଟେ ଅବା କାହା ଘରେ ଡକାୟତ ଓ ଚୋରି ହୋଇଯାଏ ତାହେଲେ ବ୍ଲକ ପ୍ରଶାସନ ଅବା ପଞ୍ଚାୟତ କତୃପକ୍ଷ ଦାଇ ହେବେ କି । ଏଥିପ୍ରତି ମୁଖ୍ୟମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଲୋକଙ୍କ ଯେଉଁ ଅସୁବିଧା ହେଉଛି ତାକୁ ତୁରନ୍ତ ସମାଧାନ ର ପଦକ୍ଷେପ ଗ୍ରହଣ କରିବା ପାଇଁ ପଡ଼ାବାସୀ ଦାବି କରିଛନ୍ତି ।

ବରୁଣେଶ୍ୱର କ୍ଷେତ୍ରରେ ଅଖିଳଚକ୍ରର ବୋଇତ ବନ୍ଦାଣ ଐତିହାସିକ ନୌବାଣିଜ୍ୟ ପରମ୍ପରାର ପୁନରୁଦ୍ଧାର



ବିଂଝାରପୁର,୨୫୧୧(ଆନିସ): ପ୍ରାଚୀନ କାଳରେ ସୋମବଂଶୀ ଓ ଗଙ୍ଗବଂଶୀ ଶାସନକାଳରେ ଓଡିଶାର ସାମୁଦ୍ରିକ ବାଣିଜ୍ୟ ଓ ନୌଚାଳନା ପରମ୍ପରାର ବିକାଶ ଘଟିଥିଲା । ସେହି ସମୟ ମଧ୍ୟରେ ବିଂଝାରପୁର ନିକଟସ୍ଥ ଅରେଇ ସଂଲଗ୍ନ ବରୁଣେଶ୍ୱର କ୍ଷେତ୍ରରେ ପ୍ରବାହିତ କୁଶଭଦ୍ରା ନଦୀ ବୋଇତ ପରମ୍ପରାକୁ ମଧ୍ୟ ଧରି ରଖିଥିବା ଐତିହ୍ୟ ଏଯାବତ ରହିଛି । ଅଖିଳଚକ୍ର ସାଂସ୍କୃତିକ ସଂଗଠନ ପକ୍ଷରୁ ସେହି ପରମ୍ପରାକୁ ୨୪ ବର୍ଷ ହେଲା ଉଜ୍ଜିବୀତ କରିଚାଲିଛି । ଚଳିତ ବର୍ଷ କୁଶଭଦ୍ରା ନଦୀରେ ସୁଦୃଶ୍ୟ ବୋଇତ ନିର୍ମାଣ କରାଯାଇ ପୂଜାପାଠ ସହ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟୁତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପାର୍ଥସାରଥୀ ଦାସ,ସିଂହବାହିନୀ ଯାତ୍ରାର କଳାକାର ଶୁଭାଶିଷ ମହାପାତ୍ର,ଓ ହରପ୍ରୀୟା ମହାପାତ୍ର, ଯୋଗ ଦେଇ ବୋଇତ ମଧ୍ୟରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ହରେକୃଷ୍ଣ ପଣ୍ଡା ରବୀନ୍ଦ୍ର କୁମାର ପରିଡା, ଗୌରାଙ୍ଗ ସାଇଁ,ଦେବସ୍ମିତା ଧଳ,ଶୁଭେନ୍ଦୁ ଶେଖର ବିଶ୍ୱାଳ, ଅକ୍ଷୟ କୁମାର ସେଠୀ, ମନୋରଂଜନ ଧଳ, ଶାନ୍ତାକାର ବେଉରିଆ,ସନ୍ତୋଷ କୁମାର ବେଉରିଆ, ପ୍ରମୁଖ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ସହ ଯୋଗ କରିଥିଲେ । ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଐତିହାସିକ ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା ।

ସହ ସମ୍ପାଦକ ଗୌରାଙ୍ଗ ସାଇଁ ଓ ରବୀନ୍ଦ୍ର କୁମାର ପରିଡା ପ୍ରାଚୀନ ଗ୍ରନ୍ଥ,ଲୋକକଥା ଓ ଐତିହାସିକ ଉପାଦାନରୁ କଳିଙ୍ଗର ସାମୁଦିକ ଯାତ୍ରା ସମ୍ପର୍କରେ ବିଭିନ୍ନ ତଥ୍ୟ ମିଳେ । ସେହି ତଥ୍ୟ ଅନୁଯାୟୀ ବରୁଣେଶ୍ୱର କ୍ଷେତ୍ରସ୍ଥ କୁଶଭଦ୍ରା ନଦୀରେ ବୋଇତ ଚାଲୁଥିବା ଐତିହାସିକ କିମ୍ବଦନ୍ତୀ ରହିଥିବା କହିଥିଲେ । ସଭାପତି ଶ୍ରୀପଣ୍ଡା ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଆକର୍ଷଣୀୟ, ଐତିହ୍ୟସ୍ଥଳ ୀ,ଆଧ୍ୟାତ୍ମିକ କ୍ଷେତ୍ର,ମନୋରମ ବେଳାଭୂମି ର ଅନୁଭୂତିକୁ ଉପସ୍ଥାପନ କରାଯାଉଥିବା ବେଳେ ବରୁଣେଶ୍ୱର କ୍ଷେତ୍ରଟିକୁ ଆକର୍ଷଣୀୟ କରିବା ପାଇଁ କୁଶଭଦ୍ରା ନଦୀର ପୁନରୁଦ୍ଧାର, ସୁନା ବ୍ୟାକରାଯିବ। ସହ ବୈତରଣୀ,ବୁଢା ନଦୀଠାରୁ ବାହାରିଥିବା ଏହି ନଦ

ଆଶ୍ରୟସ୍ଥଳୀରେ ନେତା ଓ ଅଧିକାରୀଙ୍କ ଭିଡ଼, ଗାଁରେ ବିପନ୍ନଙ୍କ ଦୁର୍ଦ୍ଦଶା!

ବାତ୍ୟା ସହାୟତାରୁ ବଞ୍ଚିତ ଅଭିଯୋଗ, ଅବହେଳିତ ଆଙ୍କୁଲି ପଞ୍ଚାୟତର ବହୁ ଆଦିବାସୀ ଗ୍ରାମ

ପାତ୍ରପୁର,୨୫।୧୧ (ଆନିସ): ବାତ୍ୟା ଓ ବନ୍ୟା ସମୟରେ ବିପନ୍ନଙ୍କୁ ସୁରକ୍ଷା ଓ ସହାୟତା ଯୋଗାଇଦେବା ପ୍ରଶାସନର ପ୍ରଥମ କର୍ତ୍ତବ୍ୟ। ହେଲେ ଆଦିବାସୀ ଅଧ୍ୁଷିତ ଅଞ୍ଚଳରେ ଏହି ସହାୟତା ପହଞ୍ଚିବା ନେଇ ଉଠିଛି ସାଂଘାତିକ ପ୍ରଶ୍ନ। ଗୋଟିଏ ପଟେ ବାତ୍ୟା ମୁକାବିଲାରେ ସମସ୍ତ ପ୍ରକାର ପ୍ରସ୍ତୁତି ଓ ସହାୟତା ଯୋଗାଇଥିବା ନେଇ ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଉଥିବା ବେଳେ ଅନ୍ୟପଟେ ଆଙ୍କୁଲି ପଞ୍ଚାୟତର ଅନେକ ଆଦିବାସୀ ଗ୍ରାମରେ ଏପର୍ଯ୍ୟନ୍ତ ସରକାରୀ ସହାୟତା ପହଞ୍ଚିନଥିବା ଅଭିଯୋଗ ହୋଇଛି। ପାତ୍ରପୁର ବ୍ଲକର ତୁମ୍ବା, ବୁରାତାଳ ଓ ଆଙ୍କୁଲି ପଞ୍ଚାୟତ ପାହାଡ଼ିଆ ତଥା ଦୁର୍ଗମ ଅଞ୍ଚଳରେ ଅବସ୍ଥିତ। ଏହି ତିନୋଟି ପଞ୍ଚାୟତର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ଅଧିକାଂଶ ଗ୍ରାମରେ ଏବେ ବି ପାନୀୟ ଜଳ, ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି। ବାତ୍ୟା ଓ ବନ୍ୟା ସମୟରେ ଏହି ଅଞ୍ଚଳବାସୀ ଅଧିକ ବିପଦର ସମ୍ମୁଖୀନ ହୋଇଥାନ୍ତି।

ବିଶେଷକରି ଆଙ୍କୁଲି ପଞ୍ଚାୟତରେ ପ୍ରାୟ ୪୩ଟି ଆଦିବାସୀ ଗ୍ରାମ ରହିଥିବା ବେଳେ ଗତ ଅର୍ଣ୍ଣବ ଓ ଆକଭାନ ବାତ୍ୟା ସମୟରେ ପ୍ରଶାସନ ପକ୍ଷରୁ ଚାରୋଟି ସ୍ଥାନରେ ଆଶ୍ରୟସ୍ଥଳୀ ଖୋଲା ଯାଇଥିଲା। ବିପଦପୂର୍ଣ୍ଣ ଘର, କଚ୍ଚାଘର ଓ ଟିଣ ଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ସହ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ନେଇ ପ୍ରଶାସନ ପକ୍ଷରୁ କୁହାଯାଇଛି।

କିନ୍ତୁ ଏହି ପଞ୍ଚାୟତର ତାଡ଼କାସାହି ଠାରୁ ତରାସିଙ୍ଗି ପର୍ଯ୍ୟନ୍ତ ରହିଥିବା ପ୍ରାୟ ୧୦ଟି ଆଦିବାସୀ ଗ୍ରାମର ଚିତ୍ର ଭିନ୍ନ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ଅର୍ଣ୍ଣବ ବାତ୍ୟା ଓ ବନ୍ୟାରେ ଅନେକ ଘରର ଛାତ ଉଡ଼ିଯାଇଥିବା ବେଳେ କେତେକଙ୍କ ଘର ଭୁଶୁଡ଼ି ପଡ଼ିଥିଲା। ଅନେକ ଗ୍ରାମ ଦୀର୍ଘଦିନ ଧରି ବନ୍ୟାଜଳ ଘେରରେ ରହିଥିଲା। ଏହା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ଗ୍ରାମଗୁଡ଼ିକରେ ପ୍ରଶାସନ ପହଞ୍ଚିନଥିବା କିମ୍ବା କ୍ଷତିଗ୍ରସ୍ତ ପରିବାରଙ୍କୁ କୌଣସି ସରକାରୀ ସହାୟତା ମିଳିନଥିବା ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

ଅନ୍ୟ ଗ୍ରାମଗୁଡ଼ିକର ଲୋକେ ମଧ୍ୟ ସମାନ ଅଭିଯୋଗ କରୁଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳୀ ଖୋଲିବା, ରନ୍ଧାଖାଦ୍ୟ ଯୋଗାଇବା ଓ ସମସ୍ତଙ୍କୁ ସୁରକ୍ଷା ଦେବା ନେଇ ଦାବି କରାଯାଉଥିବା ବେଳେ ଏହି ଗ୍ରାମଗୁଡ଼ିକର ଲୋକେ କାହିଁକି ସହାୟତାରୁ ବଞ୍ଚିତ ହେଲେ ବୋଲି ପ୍ରଶ୍ନ ଉଠିଛି। ଏହା ପ୍ରଶାସନିକ ଅବହେଳା ନା ଅନ୍ୟ କୌଣସି କାରଣ, ତାହାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

କେବଳ ଆଶ୍ରୟସ୍ଥଳୀରେ ଅଧିକାରୀଙ୍କ ଉପସ୍ଥିତି ଓ ସରକାରୀ ରିପୋର୍ଟରେ ସହାୟତା ପ୍ରଦାନର ତଥ୍ୟ ରହିଲେ ଚଳିବ ନାହିଁ। ପ୍ରକୃତ କ୍ଷତିଗ୍ରସ୍ତଙ୍କ ପାଖରେ ସହାୟତା ପହଞ୍ଚିଛି କି ନାହିଁ, ତାହାର ତଦାରଖ ହେବା ଜରୁରୀ। ତେଣୁ ଜିଲ୍ଲା ପ୍ରଶାସନ ଏହି ଅବହେଳିତ ଆଦିବାସୀ ଗ୍ରାମଗୁଡ଼ିକରେ ତୁରନ୍ତ କ୍ଷୟକ୍ଷତି ଆକଳନ କରି ବିପନ୍ନ ପରିବାରଙ୍କୁ ଘର ମରାମତି ଓ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ତେବେ ଏନେଇ ପାତ୍ରପୁର ବିଡ଼ିଓଙ୍କ ସହିତ ଯୋଗାଯୋଗ କରିବାରୁ ଆଙ୍କୁଲି ପଞ୍ଚାୟତରେ ନିଜେ ରହି ଲୋକଙ୍କ ପାଖରେ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। କିଛି ଗ୍ରାମକୁ ରାସ୍ତା ଅବରୋଧ ଯୋଗୁଁ ଖାଦ୍ୟ ସାମଗ୍ରୀ ପହଞ୍ଚିପାରି ନାହିଁ। ସେମାନଙ୍କୁ ତୁରନ୍ତ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏଥି ସହିତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଦିବସ ମହୋତ୍ସବ



ବିଭାଗର ସଂଯୋଜକ ଓ ସଂଯୋଜିକା ତଥା ଭକ୍ତ ବୃନ୍ଦ ଯୋଗ ଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ବ୍ରହ୍ମପୁର,୨୫।୧୧ (ଆନିସ): ସ୍ଥାନୀୟ ଡାଇମଣ୍ଡ ଟ୍ୟାଙ୍କ ରୋଡ ସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ତରଫରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୧ ତମ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଅଛି ।

ପ୍ରାତ ୫ଘଣ୍ଟ ସମୟରୁ ଓମକାରମ, ଶୁପ୍ରଭାତମ, ପାଲିଙ୍କି ଯାତ୍ରା, ନଗର ସଂଙ୍କିର୍ତ୍ତନ, ମଙ୍ଗଳ ବାଦ୍ୟ, ଷୋଡସ ଉପଚାର ପୂଜା, ଦିବ୍ୟ ପ୍ରଶାନ୍ତି ପତକା ଉତ୍ତୋଳନ, ଲକ୍ଷର୍ଜନା ପୂଜା, ପ୍ରସାଦ ସେବନ ଏବଂ ସନ୍ଧ୍ୟା ୫ଘଣ୍ଟା ଠାରୁ ଓମ କାରମ, ସାଇ ଅଷ୍ଟୋତ୍ତର, ବେଦ ପାଠ, ସମୁହୋ ଦୀପ ଦାନ, ଭଜନ, ଆଧ୍ୟାତ୍ମିକ ସଂଙ୍ଗିତ ଗାନ, ଦିବ୍ୟ ସମ୍ବୋଷଣ, ସର୍ବଧର୍ମ ପ୍ରାର୍ଥନା ଏବଂ ଶେଷରେ ଭଗବାନଙ୍କୁ ମଙ୍ଗଳ ଆରତି ପ୍ରଦାନ କରାଯାଇ ପ୍ରସାଦ ବଣ୍ଟନ କରାଯାଇଥିଲା ।

ଏଥିରେ ସମିତିର ଆବାହାକ ସ୍ୱାଧିନ କୁମାର ପଟ୍ଟନାୟକ, ଜିଲ୍ଲା ସଭାପତି ମହେଶ କୁମାର ଜେନା ନେତୃତ୍ୱରେ ବାଳ ବିକାଶ ଛାତ୍ର ଛାତ୍ରୀ, ଶ୍ରୀ ସତ୍ୟସାଇ ବିଦ୍ୟା ବିହାର ଛାତ୍ରଛାତ୍ରୀ, ଗୁରୁମା ଗୁରୁଜି ବୃନ୍ଦ, ପୁରୁଷ ଓ ମହିଳା ସେବାଦଳ, ଯୁବ ଭାଇ ଭଉଣୀ, ସମସ୍ତ

ଶରଣ ଶ୍ରୀକ୍ଷେତ୍ର ମାରାଦ ଜଗନ୍ନାଥ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ



ପୋଲସରା, ୨୫।୧୧ (ଆନିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା ଗ୍ରାମରେ ଅବସ୍ଥିତ ଶରଣ ଶ୍ରୀକ୍ଷେତ୍ର ମାରଦା ଜଗନ୍ନାଥ ମନ୍ଦିର ପରିସରରେ କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ସମାରୋହରେ ଆଖପାଖ ଅଞ୍ଚଳର ସହସ୍ରାଧିକ ଭକ୍ତଙ୍କ ସମାଗମ ମନ୍ଦିର ପରିସରକୁ ଭକ୍ତିମୟ କରିଥିଲା। ଏହି ପବିତ୍ର ଓ ଭକ୍ତି ଭାବପୂର୍ଣ୍ଣ କାର୍ଯ୍ୟକ୍ରମରେ ଜଗନ୍ନାଥ ପ୍ରେମୀମାନେ ନିକଟସ୍ଥ ମାରଦା ନାଳରେ ପବିତ୍ର ଡଙ୍ଗା ଭସାଇବା ସହ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରି କୋଟି ପୁଣ୍ୟ ଅର୍ଜନ କରିଥିଲେ। ଏହି ଭବ୍ୟ ସମାରୋହରେ ମା ଆଦିଶକ୍ତି ଦିବ୍ୟାଙ୍ଗ ସୁର ସଙ୍ଗୀତ ତରଫରୁ କୁନି କୁନି କଳାକାରମାନେ ଭଜନ ପରିବେଷଣ କରିଥିଲେ । ମାରଦା ଉନ୍ନୟନ ପରିଷଦ ତରଫରୁ ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକରେ ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସୁପରିଚାଳନା କରିଥିଲେ।ପ୍ରକାଶ ଥାଉ କି ଚଳିତ ପବିତ୍ର କାର୍ତ୍ତିକ ମାସ ଅଁଳା ନବମୀ ତିଥିରେ ପୁରୀ ଶ୍ରୀମନ୍ଦିରୁ ଅଣାଯାଇଥିବା ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକ ବିଜେ ପରେ ନନ୍ଦିଘୋଷ ରଥ ଚକକୁ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ସମାଗମ ଶରଣ ଶ୍ରୀକ୍ଷେତ୍ର ମାରଦା ଜଗନ୍ନାଥ ମନ୍ଦିରକୁ ଆହୁରି ପବିତ୍ର ଓ ଭକ୍ତିମୟ କରିଦେଇଛି ।

ପାଟିକୁ ବାଜିଲା ଆମିଷର ସ୍ୱାଦ !

ଆଜି ହାଣ୍ଡି ଆଇଁଷ , ଶୁକ୍ରବାର ପ୍ରକୃତ ଛାଡଖାଇ



ରଙ୍ଗେଇଲୁଣ୍ଡା,୨୫।୧୧ (ଆନିସ): ସରିଲା ଧର୍ମମାସ । ପାଳିଲେ ଛାଡଖାଇ । ଆଜି ସକାଳୁ ସକାଳୁ ରଣ୍ଟା ,କନିଷି ହାଟ ଆମିଷ ବଜାରରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳିଛି । ଗ୍ରାହକଙ୍କ ଚାହିଦାକୁ ଦେଖି ବଜାରରେ ମଟନ , ଚିକେନ ମାଛ, ଚିଙ୍ଗୁଡି ଆଦି ବିଭିନ୍ନ ପ୍ରକାର ଆମିଷ ସାମଗ୍ରୀର ପସରା ପଡ଼ିଥିବା ଦେଖିବାକୁ ମିଳିଥିଲା। କାର୍ତ୍ତିକ ମାସରେ ହବିଷ ବ୍ରତ ପାଳନ କରି ଆମିଷ ଖାଇ ନଥିବା ଲୋକେ ଆଜି ଛାଡଖାଇରେ ଆମିଷ କିଣିବାକୁ ଅଧିକ ଆଗ୍ରହ ଦେଖିବାକୁ ମିଳିଥିଲା। ସେପଟେ ଚାହିଦା ବଢିଥିବାରୁ ଆମିଷ ସାମଗ୍ରୀର ଦର ମଧ୍ୟ ଟିକେ ଅଧିକ ରହିଥିଲା । ତଥାପି ଗ୍ରାହକଙ୍କ ଭିଡ ଦେଖି ବେଶ ଖୁସି ବ୍ୟବସାୟୀ । ମାର୍ଗଶିର ମାସ ବୁଧବାର ଛାଡଖାଇ ପଡିଥିବାରୁ ବ୍ୟବସାୟୀ ଟିକେ କମ୍ ଥିଲା କିନ୍ତୁ ଶୁକ୍ରବାର ଦିନ ପ୍ରକୃତ ଛାଡଖାଇ ବ୍ୟବସାୟ ହେବ ବୋଲି ଆଶା ରଖିଛନ୍ତି ଆମିଷ ବ୍ୟବସାୟୀ । ଆଜି ନିୟମାନୁଯାୟୀ ଟିକେ ହାଣ୍ଡି ଆଇଁଷ କରିଦେଲୁ ,ରାତି ପାହିଲେ ମାର୍ଗଶୀର ମାସ ମହାଲକ୍ଷ୍ମୀ ପୂଜା ହୋଇଥିବାରୁ ଦିନରେ ହିଁ ଆମିଷ ରୋଷେଇ କରି ଛାଡଖାଇ ପାଳନ କଲୁ ଏବଂ ପ୍ରକୃତ ଛାଡଖାଇ ଶୁକ୍ରବାର ଦିନ ହେବ ବୋଲି କହିଛନ୍ତି ଆମିଷ ପ୍ରେମୀ ଗ୍ରାହକ ।

ମେଡିକାଲ କୋଚଙ୍କ ଦ୍ୱାରା ନିୟମିତ ଯୋଗ ଅଭ୍ୟାସ

କାଶୀନଗର ୨୫।୧୧(ଆ ନି ସ):ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଶରୀର କିଭଳି ସୁସ୍ଥ ରହିବ ସେ ନେଇ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାର ଙ୍କ ଆୟୁଷ ମନ୍ତ୍ରଣାଳୟ ତରଫରୁ ବିଦ୍ୟାଳୟ ରେ ଅଧ୍ୟୟନ ରତ ଛାତ୍ର ଛାତ୍ରୀ ଙ୍କୁ ନିୟମିତ ଯୋଗ ଅଭ୍ୟାସ ରଖିଲେ ଶରୀର ଉପରେ ଏହାର କିଭଳି ପ୍ରଭାବ ପଡିବ ସେ ନେଇ କୋଚ ପୁଣ୍ୟବତୀ ଆଜି ହରିଜନ ସାହି ଉପ୍ରା ବିଦ୍ୟାଳୟ ରେ ସପ୍ତମ ଅଷ୍ଟମ ଓ ଷଷ୍ଠ ଶ୍ରେଣୀ ପିଲାଙ୍କୁ ନେଇ ଯୋଗାଭ୍ୟାସ କରିଥିଲେ । ନିଶ୍ୱାସ, ପ୍ରଶ୍ୱାସ, ଗାୟତ୍ରୀ ମନ୍ତ୍ର, ଅଲମ ବିଲମ, ମୁଦ୍ରା, ଇତ୍ୟାଦି ର ଅଭ୍ୟାସ କରାଇଥିଲେ । ପ୍ରତ୍ୟେକ ସପ୍ତାହ ରେ ଥରେ ଅଭ୍ୟାସ ପରେ ନିଜେ ପିଲା ଘରେ ଅଭ୍ୟାସ କଲେ, ଜୀବନ କାଳ ରେ ଯୋଗ ସୁସ୍ଥ ଓ ସବଳ ମଣିଷ ତିଆରି କରିପାରିବ ବୋଲି ପ୍ରଧାନ ଶିକ୍ଷକ ଦାଇତ୍ୱ ରେ ଥିବା ଜଗଦୀଶ ପାତ୍ର ପିଲାଙ୍କୁ ସୂଚନା ଦେଇଥିଲେ ।

ରେଡ୍ ରୋଜ ଶିଶୁ ମହୋତ୍ସବ ଅବସରରେ କ୍ରାନ୍ତିର ଅଭିନବ ପ୍ରୟାସ

ପିତା ମାତା ସଚେତନ ହୋଇ ଶିଶୁ କର୍କଟ ରୋଗକୁ ଦୂରେଇ ରଖନ୍ତୁ



ବ୍ରହ୍ମପୁର,୨୫।୧୧ (ଆନିସ): ସ୍ଥାନୀୟ ବ୍ରହ୍ମା ନଗରସ୍ଥିତ ପ୍ରଥମ ସରଣୀ ସ୍ଥିତ କ୍ରାନ୍ତି ଅନୁଷ୍ଠାନ ତରଫରୁ ରେଡ୍ ରୋଜ ଶିଶୁ ମହୋତ୍ସବ ଅବସରରେ ରଙ୍ଗରଙ୍ଗ ସାଂସ୍କୃତିକ ସହ ଶିଶୁ କର୍କଟ ସଚେତନତା କାର୍ଯ୍ୟକ୍ରମ ରେଡ୍ ରୋଜ ଚିଲଡ୍ରେନ ଫେଷ୍ଟିଭାଲ – ୨୦୨୬ ସ୍ଥାନୀୟ ସରକାରୀ ଆଇ ଟି ଆଇ ପ୍ରେକ୍ଷାଳୟ ଠାରେ ମହାସମାରୋହର ପାଳିତ ହୋଇ ଯାଇଛି। ଏହି ଅବସରରେ ସମସ୍ତ ଅତିଥି ମାନଙ୍କ ଦ୍ୱାରା ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ।କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ. ଦେବାନନ୍ଦ ଦାଶ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିଥିବା ବେଳେ ଆଇ ଏସ ଆର ଡି ନିର୍ଦ୍ଦେଶକ ତଥା ଗଞ୍ଜାମ ଜିଲ୍ଲା ଯୋଜନ ବୋର୍ଡ ମେମ୍ବର ସୁଧୀର ସାବତ ଓ ବ୍ରହ୍ମପୁର ଡେଣ୍ଟାଲ କ୍ଲିନିକ୍‌ର ଦନ୍ତ ଚିକିତ୍ସକ ଦେବ୍ୟାନି ଦେବ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଉପସ୍ଥିତ ଥିବା ସମସ୍ତ ଅବିଭାବକ ଓ ବିଦ୍ୟାର୍ଥୀ ମାନଙ୍କୁ ଶିଶୁ ମହୋତ୍ସବ ଉଦ୍ଦେଶ୍ୟ ସହ ଶିଶୁ କର୍କଟ ରୋଗ ଉପରେ ସଚେତନ କରାଇଥିଲେ। କ୍ରାନ୍ତି ଅନୁଷ୍ଠାନର ଡ.ଦାଶ ଶିଶୁମାନଙ୍କୁ ଏହି ରୋଗରୁ ଦୂରରେ ରଖିବା ନିମନ୍ତେ ପିତାମାତା ମାନଙ୍କର ବିଶେଷ ଦାୟିତ୍ୱ ରହିଛି ବୋଲି ଦର୍ଶକଙ୍କୁ ଅବଗତ କରିବା ସହ ଶିଶୁମାନଙ୍କୁ ସବୁଜ ପରିବା ଖୁଆନ୍ତୁ, ଜଙ୍କଫୁଡ୍‌ରୁ ଦୂରରେ ରଖନ୍ତୁ,ଶିଶୁ କର୍କଟ ଉପରେ ସଚେତନ କରି ଶିଶୁ କର୍କଟ ମୁକ୍ତ ଭାରତ ପାଇଁ ସହଯୋଗର ହାତ ବଢ଼ାଇବାକୁ ନିବେଦନ କରିଥିଲେ। ଡାକ୍ତର ଦେବ୍ୟାନୀ ଦେବ ପିଲାମାନଙ୍କୁ ଶିଶୁ କର୍କଟ ରୋଗର କାରଣ ଓ ନିରାକରଣ କହିବା ସହ ଧୂମ୍ରପାନ ଓ ତମାଖୁ ଠାରୁ ପିଲା ମାନଙ୍କୁ ଦୂରେଇ ରଖିବାକୁ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ସୁଧୀର ସାବତ ଉପସ୍ଥିତ ସମସ୍ତ ଙ୍କୁ ଆଜିର ଦିନରେ କର୍କଟ ରୋଗର ଭୟାବହତା କୁ କହି, ଏହି ରୋଗକୁ କିପରି ଆମେ ସଚେତନ ହୋଇ ରୋକି ପାରିବ ସମସ୍ତଙ୍କର ସହଯୋଗ ମାଗିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନର କୁନି କୁନି କଳାକାର ସହ ବିଭିନ୍ନ ବିଦ୍ୟାଳୟର ଶିଶୁ ମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। କ୍ରାନ୍ତି ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟ ଦର୍ଶକମାନଙ୍କୁ ବେଶ୍ ମନଛୁଆଁ ହୋଇଥିଲା। ବ୍ରହ୍ମପୁର ଓ ନିକଟସ୍ଥ ପାଞ୍ଚ ଗୋଟି ବିଦ୍ୟାଳୟର କୁନି କୁନି ଛାତ୍ର ଛାତ୍ରୀ ଦଳଗତ ନୃତ୍ୟ ପରିବେଷଣ କରିଥିଲେ।ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପ୍ରାୟ ତିନି ଶହ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବାସହ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା।ଏହି ଅବସରରେ ସମସ୍ତ ଦର୍ଶକମାନେ ଆଗ୍ରହର ସହ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ କୁନି କୁନି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।ଶେଷକାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଦେବରାଜ ରାଉତ, ସଂଜୟ ରଥ, ଅନିଲ କୁମାର ସେଠୀ, ବିଜ୍ଞାନ ଚନ୍ଦ୍ର ମହାରଣା, ମାନସ ରଥ, ପରମାନନ୍ଦ ପଣ୍ଡା, ଧନଜୟ ପାଣିଗ୍ରାହୀ, ଚର୍ଚ୍ଚିକା ଦାଶ, ଚିତ୍ତରଞ୍ଜନ ଦାଶ , ପୁର୍ଣ୍ଣଚନ୍ଦ୍ର ସାହୁ ଓ ଆଇ ଏସ ଆର ଡି ର ପ୍ରଭାତ ପାଢ଼ୀ,ଗୋପାଳ ବେହେରା ଓ ଶୟନୀ ମଲିକ୍ ସମେତ ଅନ୍ୟ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ମହିଳା ସୁରକ୍ଷା ଓ ଲିଙ୍ଗଗତ, ତୃତୀୟଲିଙ୍ଗୀ ଓ ଭିନ୍ନକ୍ଷମ ମହିଳାଙ୍କ ସମାନତା ଉପରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ



ପାରଳାଖେମୁଣ୍ଡି,୨୫।୧୧ (ଆନିସ): ଅନ୍ତର୍ଜାତୀୟ ମହିଳାଙ୍କ ବିରୋଧରେ ହିଂସା ଦୂରୀକରଣ ଦିବସ ଅବସରରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ଜୀବିକା ମିଶନ, ଗଜପତି ପକ୍ଷରୁ ଆୟୋଜିତ ହୋଇଥିଲା।ଏହି ବୈଠକରେ ମହିଳାଙ୍କ ବିରୋଧରେ ହିଂସା ରୋକିବା, ଆଇନଗତ ସହାୟତା, ଶିଶୁ ବିବାହ ନିରାକରଣ, ମହିଳା ଶ୍ରମିକଙ୍କ ସୁରକ୍ଷା, ଭିନ୍ନକ୍ଷମ ମହିଳାଙ୍କ ଜୀବିକା, ତୃତୀୟଲିଙ୍ଗୀଙ୍କ ସୁରକ୍ଷା ଓ ଆତ୍ମନିର୍ଭରଶୀଳତା ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।କାର୍ଯ୍ୟକ୍ରମରେ ଗଜପତି ଏସ୍.ପି, ଡାଏଲ୍ ଏସ ସଚିବ, ସିଡିଏମଓ, ଡି.ଏସ.ଡବ୍ଲୁ, ଡି.ଏସ.ଏସ.ଓ, ଡି.ଡବ୍ଲ୍ୟୁ.ଓ, ସି ଏସ ଓ, ଡି.ଇ.ଓ, ଡି ଆଇ ପି ଓ, ଡି ଏଲ୍.ଓ, ଡି ସି ପି ଓ ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ବ୍ଲକର ସି ଡି ପି ଓ, ସଖୀ ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ, ସାମର୍ଥ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନ ର ପ୍ରତିନିଧି, ମହିଳା ସାଥୀ, ଆଶାକର୍ମୀ, ଭିନ୍ନକ୍ଷମ ବ୍ୟକ୍ତି ଓ ତୃତୀୟଲିଙ୍ଗୀ ସମୁଦାୟର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ଗଜପତି ତୃତୀୟଲିଙ୍ଗୀ ସଂଘର ସଦସ୍ୟମାନେ ମଧ୍ୟ ଯୋଗଦେଇ ତୃତୀୟଲିଙ୍ଗୀ ସମୁଦାୟର ସୁରକ୍ଷା, ସାମାଜିକ ସମ୍ମାନ, ଜୀବିକା ଓ ସରକାରୀ ଯୋଜନାରେ ସାମିଲ ହେବାର ଗୁରୁତ୍ୱ ଉପରେ ଅଂଶଗ୍ରହଣ କରିଥିଲେ।ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମସ୍ତ ସରକାରୀ ବିଭାଗ ଓ ସାମାଜିକ ସଂଗଠନ ମଧ୍ୟରେ ସମନ୍ୱୟ ସ୍ଥାପନ କରି ମହିଳା, ତୃତୀୟଲିଙ୍ଗୀ ଓ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କୁ ନ୍ୟାୟ, ସୁରକ୍ଷା, ସମାନ ଅଧିକାର ଓ ଆତ୍ମନିର୍ଭରଶୀଳତାର ସୁଯୋଗ ପ୍ରଦାନ କରିବା।ହିଂସାମୁକ୍ତ ସମାଜ ଗଠନ ସହ ପ୍ରତ୍ୟେକ ମହିଳା ଓ ତୃତୀୟଲିଙ୍ଗୀ ବ୍ୟକ୍ତିଙ୍କୁ ନ୍ୟାୟ, ସୁରକ୍ଷା ଓ ସମ୍ମାନ ଦେବା ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ସନ୍ଦେଶ ଥିଲା।

ଗୋଲାମୁଣ୍ଡଳା ଗ୍ରାମରେ ଚବିଶି ପ୍ରହର ନାମଯଜ୍ଞ ଓ ଅନ୍ନଯଜ୍ଞର ଶୁଭାରମ୍ଭ



କବିସୂର୍ଯ୍ୟନଗର,୨୫।୧୧ (ଆନିସ): କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଗୋଲାମୁଣ୍ଡଳ ଗ୍ରାମରେ ଚବିଶି ପ୍ରହର ନାମଯଜ

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

ସମ୍ବିଧାନ ଦିବସର ସୌରଭ

ମାସେ ଭକ୍ତି, ଗୋଟିଏ ଦିନରେ ହଜାର ଜୀବଙ୍କ ମୃତ୍ୟୁ!

ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ କାର୍ତ୍ତିକ ମାସକୁ ସବୁଠାରୁ ପବିତ୍ର ଏବଂ ଧର୍ମର ମାସ ଭାବେ ବିବେଚନା କରାଯାଏ। ଏହି ମାସ ସାରା ଓଡ଼ିଶାର ଘରେ ଘରେ ଏକ ଅପୂର୍ବ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ, ତୁଳସୀ ଚଉରା ମୂଳେ ପୂଜା, ହବିଷ୍ୟାନ୍ନ ଗ୍ରହଣ, ଗୀତା–ଭାଗବତ ପାଠ ଏବଂ ନିରାମିଷ ଭୋଜନ ମାଧ୍ୟମରେ ଲୋକେ ନିଜକୁ ଭଗବାନଙ୍କ ଶରଣରେ ସମର୍ପି ଦେଇଥାଆନ୍ତି। ମନ, ବଚନ ଓ କର୍ମରେ ସଂଯମ ରକ୍ଷା କରିବା ହିଁ ଏହି ମାସର ମୂଳ ଉଦ୍ଦେଶ୍ୟ। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ମାସ ସାରାର ଏହି କଠୋର ସାଧନା, ବ୍ରତ ଓ ଉପବାସର ପରିସମାପ୍ତି ଘଟେ ଏକ ଅଦ୍ଭୁତ ବିରୋଧାଭାସ ସହିତ ଯାହାକୁ ଆମେ ‘ଛାଡ଼ଖାଇ’ ବୋଲି କହୁ।

କାର୍ତ୍ତିକ ପୂର୍ଣ୍ଣିମା ସରିବାର ପରଦିନ ସକାଳୁ ଦୃଶ୍ୟପଟ ସମ୍ପୂର୍ଣ୍ଣ ବଦଳିଯାଏ। ଯେଉଁ ହାତରେ ମାସେ କାଳ ଜପମାଳି ଓ ପୂଜାଥାଳି ଥିଲା, ସେହି ହାତରେ ବଜାରର ବ୍ୟାଗ୍? ଧରି ଲୋକେ ମାଛ, ମାଂସ, କଙ୍କଡ଼ା ଓ ଚିଙ୍ଗୁଡ଼ି କିଣିବା ପାଇଁ ଆମିଷ ବଜାରରେ ପ୍ରବଳ ଭିଡ଼ ଜମାନ୍ତି। ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି, ମାସ ସାରା କେତେ ଦିନ ନିଷ୍ଠାର ସହ ପୂଜା ଉପବାସ ହେଲା ତାହା ଅନେକଙ୍କର ମନେ ନଥାଏ କିନ୍ତୁ ଛାଡ଼ଖାଇକୁ ଆଉ କେତେ ଦିନ ବାକି ରହିଲା, ତାର ଗଣତି କାର୍ତ୍ତିକର ପ୍ରଥମ ସପ୍ତାହରୁ ହିଁ ଆରମ୍ଭ ହୋଇଯାଏ। ଏଠାରେ ପ୍ରଶ୍ନ ଉଠେ ମାସ ସାରାର ଏହି ଧର୍ମାଚରଣ କ’ଣ ପ୍ରକୃତ ଭକ୍ତି ଥିଲା, ନା କେବଳ ଏକ ସାମୟିକ ପ୍ରଥା ଯାହା ଶେଷ ହେବା କ୍ଷଣି ଆମର ଖାଇବା ଲାଳସା ପୂର୍ବ ଅପେକ୍ଷା ଆହୁରି ଉଗ୍ର ହୋଇଉଠେ?

ଛାଡ଼ଖାଇ ପଛରେ ଥିବା ଐତିହାସିକ ବା ସାମାଜିକ କାରଣ ଯାହା ହେଉ ନା କାହିଁକି, ବର୍ତ୍ତମାନ ସମୟରେ ଏହା ହଜାର ହଜାର ନିରୀହ ଜୀବଜନ୍ତୁଙ୍କ ପାଇଁ ମୃତ୍ୟୁର ପରୱାନା ପାଲଟିଯାଇଛି। ଗୋଟିଏ ଦିନରେ କେବଳ ଆମ ପାଟିର ସ୍ୱାଦ ମେଣ୍ଟାଇବା ପାଇଁ ଲକ୍ଷ ଲକ୍ଷ ନିରୀହ ପ୍ରାଣୀଙ୍କର ବଳି ପଡ଼ିଥାଏ। ଯଦି ମାସେ କାଳର ପୂଜାପାଠ ଓ ଉପବାସ ଆମ ଭିତରେ ଜୀବଜନ୍ତୁଙ୍କ ପ୍ରତି ଦୟା, କରୁଣା ଓ ସମ୍ବେଦନଶୀଳତା ସୃଷ୍ଟି କରିପାରିଲା ନାହିଁ, ତେବେ ସେହି ଧର୍ମାଚରଣର ମୂଲ୍ୟ କ’ଣ? ଶାସ୍ତ୍ରରେ କୁହାଯାଇଛି ଅହିଂସା ପରମୋ ଧର୍ମଃ ଏବଂ ଜୀବେ ଦୟା ହିଁ ଶ୍ରେଷ୍ଠ ଭକ୍ତି। ଯେଉଁ ଭଗବାନଙ୍କୁ ଆମେ ମନ୍ଦିରରେ ପୂଜା କରୁଛୁ, ସେହି ପରମାତ୍ମା ପ୍ରତ୍ୟେକ ଜୀବଙ୍କ ଶରୀରରେ ବିଦ୍ୟମାନ। ତେବେ ଗୋଟିଏ ପଟେ ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ ଉପବାସ କରିବା ଏବଂ ଅନ୍ୟପଟେ ତାଙ୍କରି ସୃଷ୍ଟି ନିରୀହ ଜୀବଙ୍କୁ ଭକ୍ଷଣ କରିବା ପାଇଁ ଅପେକ୍ଷା କରି ରହିବା କେଉଁ ପ୍ରକାରର ଆଧ୍ୟାତ୍ମିକତା?

ନିଶ୍ଚିତ ଭାବେ ଖାଦ୍ୟାଭ୍ୟାସ ପ୍ରତ୍ୟେକ ମଣିଷର ବ୍ୟକ୍ତିଗତ ପସନ୍ଦ। କେହି ନିରାମିଷ ଖାଆନ୍ତି, କେହି ଆମିଷ ଖାଆନ୍ତି। ଏହାକୁ ନେଇ କାହାର ଖାଦ୍ୟ ସ୍ୱାଧୀନତା ଉପରେ ପ୍ରଶ୍ନ ଉଠାଇବା ଆମର ଉଦ୍ଦେଶ୍ୟ ନୁହେଁ। କିନ୍ତୁ ଯେତେବେଳେ ଧର୍ମ, ଭକ୍ତି ଓ ଆଧ୍ୟାତ୍ମିକତାର କଥା ଆସେ, ସେତେବେଳେ ଜୀବ ପ୍ରତି ଦୟା ଓ ସମ୍ବେଦନଶୀଳତାର ପ୍ରଶ୍ନ ମଧ୍ୟ ଆସିବା ସ୍ୱାଭାବିକ। ପ୍ରକୃତ ସଂଯମର ଅର୍ଥ ହେଉଛି ଇନ୍ଦ୍ରିୟ ଓ ମନ ଉପରେ ନିୟନ୍ତ୍ରଣ। ଯଦି କାର୍ତ୍ତିକ ମାସର ନିରାମିଷ ଭୋଜନ ଆମର ଲାଳସାକୁ କମାଇବା ପରିବର୍ତ୍ତେ ତାକୁ ଆହୁରି ବଢ଼ାଇ ଦେଉଛି, ତେବେ ତାହା ସଂଯମ ନୁହେଁ, ବରଂ କେବଳ ଏକ ବାଧ୍ୟତାମୂଳକ ଦମନ। ପୂଜା ସରୁ ସରୁ ସକାଳୁ ଆମିଷ ବଜାରରେ ଧାଡ଼ି ବାନ୍ଧିବା ଦର୍ଶାଏ ଯେ ଆମର ମନ ମାସ ସାରା ଭଗବାନଙ୍କ ପାଖରେ ନଥିଲା, ବରଂ ସ୍ୱାଦିଷ୍ଟ ଆମିଷ ବ୍ୟଞ୍ଜନ ଉପରେ ଅଟକି ରହିଥିଲା।

ସମୟ ଆସିଛି, ଆମେ ଆମର ଏହି ପରମ୍ପରା ଓ ମାନସିକତା ଉପରେ ଗଭୀର ଆତ୍ମସମୀକ୍ଷା କରିବା। ଖାଦ୍ୟାଭ୍ୟାସ ନିଶ୍ଚିତ ଭାବେ ବ୍ୟକ୍ତିଗତ ପସନ୍ଦର ବିଷୟ, କିନ୍ତୁ ଧର୍ମ ଓ ଭକ୍ତିର ଆଡ଼ୁଆଳରେ ଏଭଳି ଗଣ–ଜୀବହତ୍ୟାକୁ ଉତ୍ସବ ଭାବେ ପାଳନ କରିବା ଆଦୌ ସମୀଚୀନ ନୁହେଁ। ଯଦି ଆମେ ପ୍ରକୃତରେ କାର୍ତ୍ତିକ ମାସର ପୂଣ୍ୟ ଅର୍ଜନ କରିବାକୁ ଚାହୁଁ, ତେବେ ପୂଜାପାଠର ମୂଲ୍ୟକୁ କେବଳ କ୍ୟାଲେଣ୍ଡରର ତିରିଶ ଦିନ ଭିତରେ ସୀମିତ ନରଖି, ସାରା ବର୍ଷ ନିଜ ଭିତରେ କରୁଣା ଓ ମାନବିକତାକୁ ବଞ୍ଚାଇ ରଖିବାକୁ ହେବ। ନଚେତ୍, ମାସ ସାରାର ଏହି ବ୍ରତ ଓ ଉପବାସ କେବଳ ଏକ ଲୋକଦେଖାଣିଆ ପ୍ରହସନ ହୋଇ ରହିଯିବ।

ଅଖିଳ ତରାଇ
ଗଞ୍ଜାମ,

ହେ ମନୁଷ୍ୟ !

ମୁଁ ଜାଣେ, ତୁମେ ମନୁପୁତ୍ର । ତୁମେ ଏ ସୃଷ୍ଟିର ଶ୍ରେଷ୍ଠପ୍ରାଣୀ । ମାନବିକତା ଥିବା ହେତୁ ତୁମେ ମନୁଷ୍ୟ । ଆଚାର–ବିଚାର–ଦୟା–କ୍ଷମା–ସ୍ନେହ–ପ୍ରେମ ଉତ୍ତମଗୁଣର ପରିପୂର୍ଣ୍ଣ ଅଧିକାରୀ ହେତୁ ତୁମେ ଉତ୍ତମ ପୁରୁଷ । ଅନ୍ୟର ଦୁଃଖରେ ଦୁଃଖୀ ଏବଂ ଅନ୍ୟର ସୁଖରେ ସୁଖୀ ତୁମର ସ୍ୱଭାବ । ମନେପଡେ ସାମାନ୍ୟ ପକ୍ଷୀଟିଏ ପାଇଁ ଦିନେ ଶିବିରାଜା ସ୍ୱ ଶରୀରରୁ ଖଣ୍ଡ ଖଣ୍ଡ ମାଂସ ଟେକି ଦେଇଥିଲେ ଅନ୍ୟର ଜୀବନକୁ ରକ୍ଷା କରିବାକୁ ଯାଇ । ସେ ଭୁଲି ଯାଇଥିଲେ ସେ ଏ ସୃଷ୍ଟିର ଶ୍ରେଷ୍ଠ ଜୀବବୋଲି । ଜୀବେ ଦୟା ଉକ୍ତିକୁ ସାକାର କରିବା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ।ସେପରି ସଜ୍ଜ କବି ଭୀଭୋଇ ନିଜର ଆନ୍ତରିକ ଭାବକୁ ପ୍ରକାଶିତ କରିବାକୁ ଯାଇ କହିଛନ୍ତି ଯେ–

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।।

କିନ୍ତୁ ହେ ମନୁଷ୍ୟ ମାନେ ଆଜି ଭୁଲି ଯାଇଛ ! ତୁମର ମାନବିକତାକୁ ! ତୁମେ ଭୁଲି ଯାଇଛ ତୁମର ସୁଗୁଣକୁ ! ତୁମେ ଭୁଲି ଯାଇଛ ତୁମ ଦିବ୍ୟତ୍ୱକୁ ! ସାମାନ୍ୟ ଜିହ୍ୱା ଲାଳସା ପାଇଁ । ଭାରି ଦୁଃଖ ଲାଗେ ! ତୁମେ ନରରୁ ସୁର ହୋଇପାରିଲ ନାହିଁ କିନ୍ତୁ ନରରୁ ଅସୁର ହୋଇଯାଇଛ । ମୋର ସାମାନ୍ୟ ମାଂସ ଟିକକ ପାଇବା ନିମନ୍ତେ । ମୋତେ ତିଳ ତିଳ କରି ହତ୍ୟା କରୁଛ ।ଧିକ୍କାର ତୁମ ବିରତ୍ୱକୁ ,ଧିକ୍କାର ପୁରୁଷତ୍ୱକୁ । ତୁମେ ମନେ ରଖ ମୁଁ ବି ସେହି ସ୍ରଷ୍ଟାଙ୍କ ସୃଷ୍ଟି । ତୁମ ମାନଙ୍କର ବଞ୍ଚିବାର ଯେତିକି ଅଧିକାର ରହିଛି ଅଛି , ସେପରି ମୋର ମଧ୍ୟ ଏ ସଂସାରେ ବଞ୍ଚିବାର ସେତିକି ଅଧିକାର ରହିଛି । ତେବେ.... ମାନବ ହୋଇ ଅମାନବୀୟ ବ୍ୟବହାର ମୋ ପାଖରେ କାହିଁକି ? କାରଣ ମୁଁ ନିଃସହାୟ ବୋଲି ! ମୁଁ ତୁମ ଭାଷାରେ କହିପାରେନା ବୋଲି । ଏହା କଣ ମୋର ଦୋଷ .

ଦିନେ ନିଶ୍ଚୟେ କାଳଚକ୍ର ଘୂରିବ । ତୁମ କର୍ମ ଫଳ ତୁମକୁ ନିଶ୍ଚୟେ ଗ୍ରାସିବ, ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ହେଉ । ମୁଁ ଜାଣେ ନିର୍ବଳର ବଳ ସ୍ୱୟଂ ଈଶ୍ୱର । ସେ ତୁମକୁ ତୁମ କୃତ କର୍ମର ଫଳ ନିଶ୍ଚୟେ ତ୍ରୀତାପର ତାପରେ ସୁଧ ମୂଳ ସହ ପ୍ରଦାନ କରିବେ ।

ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ
ଆସିକା, ଗଞ୍ଜାମ ।

ସମ୍ୟକ୍ ବିଧାନ ଇତି – ସମ୍ବିଧାନ । ଦେଶର ଶାସନ ପାଇଁ ଯେଉଁ ବିଧାନସମୂହ ପ୍ରଣୀତ, ତାହା ହିଁ ହେଉଛି ସମ୍ବିଧାନ। ପ୍ରତ୍ୟେକ ସ୍ୱାଧୀନ ରାଷ୍ଟ୍ରର ଏକ ସ୍ୱତନ୍ତ୍ର ପରିଚୟ ଓ ଶାସନ ବ୍ୟବସ୍ଥା ରହିଥାଏ। ଏହି ପରିଚୟର ମୂଳଭିତ୍ତି ହେଉଛି ସେହି ଦେଶର ସମ୍ବିଧାନ। ସମ୍ବିଧାନ କେବଳ ଆଇନର ଏକ ଦସ୍ତାବିଜ ନୁହେଁ, ଏହା ଏକ ରାଷ୍ଟ୍ରର ଆଦର୍ଶ, ମୂଲ୍ୟବୋଧ, ନୀତିନିୟମ ଓ ଭବିଷ୍ୟତର ଦିଗ୍‌ଦର୍ଶନ। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ଏହି ମହାନ ପରିଚୟ ହେଉଛି ଆମର ସମ୍ବିଧାନ। ଏହାର ମହତ୍ତ୍ୱ ଓ ଅବଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ ‘ଭାରତୀୟ ସମ୍ବିଧାନ ଦିବସ’ ବା ‘ସମ୍ବିଧାନ ଦିବସ’ ଭାବରେ ପାଳନ କରାଯାଏ।

ସମ୍ବିଧାନ ପ୍ରଣୟନର ଐତିହାସିକ ପୃଷ୍ଠଭୂମି ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୀର୍ଘ ଦୁଇଶହ ବର୍ଷର ବ୍ରିଟିଶ ଶାସନର ଶୃଙ୍ଖଳ ଛିନ୍ନ କରି ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କରିଥିଲା। ସ୍ୱାଧୀନତା ପରେ ଦେଶକୁ ଏକ ସୁଦୃଢ଼ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଗଢ଼ିତୋଳିବା ପାଇଁ ଏକ ନିଜସ୍ୱ ସମ୍ବିଧାନର ଆବଶ୍ୟକତା ଅନୁଭୂତ ହୋଇଥିଲା। ଏଥିପାଇଁ ୧୯୪୬ ମସିହାରେ ସମ୍ବିଧାନ ସଭା ଗଠନ କରାଯାଇଥିଲା।

ଡକ୍ଟର ରାଜେନ୍ଦ୍ର ପ୍ରସାଦ ଏହି ସଭାର ସ୍ଥାୟୀ ଅଧ୍ୟକ୍ଷ ଥିଲେ। ସମ୍ବିଧାନ ପ୍ରଣୟନ ସମିତିର ଅଧ୍ୟକ୍ଷ ଭାବେ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକର ଅତୁଳନୀୟ ଭୂମିକା ନିର୍ବାହ କରିଥିଲେ। ତାଙ୍କର ଅସାଧାରଣ ଜ୍ଞାନ, ଦୂରଦୃଷ୍ଟି ଓ ନିଷ୍ଠା ପାଇଁ ସେ ‘ଭାରତୀୟ ସମ୍ବିଧାନର ଜନକ’ ଭାବେ ସୁପରିଚିତ।

ପ୍ରାୟ ୨ ବର୍ଷ ୧୧ ମାସ ୧୮ ଦିନର ଦୀର୍ଘ ବିଚାରବିମର୍ଶ ଓ ଆଲୋଚନା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସମ୍ବିଧାନ ସଭା ଭାରତୀୟ ସମ୍ବିଧାନକୁ ଗୃହୀତ କରିଥିଲା। ପରବର୍ତ୍ତୀ ସମୟରେ ୧୯୫୦ ମସିହା ଜାନୁଆରି ୨୬ ତାରିଖରୁ ଏହା କାର୍ଯ୍ୟକାରୀ ହୋଇଥିଲା। ସେହି ଐତିହାସିକ ଦିନଟିକୁ ସ୍ମରଣୀୟ କରିବା ପାଇଁ ୨୦୧୫ ମସିହାଠାରୁ ନଭେମ୍ବର ୨୬ ତାରିଖକୁ ଆନୁଷ୍ଠାନିକ ଭାବେ ‘ସମ୍ବିଧାନ ଦିବସ’ ଭାବରେ ପାଳନ କରାଯାଉଛି।

ଭାରତୀୟ ସମ୍ବିଧାନର ମୂଳ ଆଦର୍ଶ ଓ ବିଶେଷତ୍ୱ ଅଦ୍ଭୁତପୂର୍ବ ଅଟେ। ଭାରତୀୟ ସମ୍ବିଧାନ ହେଉଛି ଦେଶର ସର୍ବୋଚ୍ଚ ଆଇନ। ଏହା ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଗଣରାଜ୍ୟ ଭାବେ ପ୍ରତିଷ୍ଠା କରିଛି। ଏହାର ପ୍ରସ୍ତାବନାରେ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାତୃତ୍ୱର ମହାନ ଆଦର୍ଶ ସ୍ଥାନ ପାଇଛି।

ଆମ ସମ୍ବିଧାନର କେତେକ ମୁଖ୍ୟ ବିଶେଷତ୍ୱ ହେଲା :

ଏହା ବିଶ୍ୱର ସର୍ବବୃହତ୍ ଲିଖିତ ସମ୍ବିଧାନ । ଭାରତର ସମ୍ବିଧାନ ବିଶ୍ୱର ସର୍ବବୃହତ୍ ଓ ବିସ୍ତୃତ ଲିଖିତ ଜାତୀୟ ସମ୍ବିଧାନମାନଙ୍କ ମଧ୍ୟରୁ ଅନ୍ୟତମ।

ଆମ ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନତା, ସ୍ୱାଧୀନତା, ଧର୍ମୀୟ ସ୍ୱାଧୀନତା, ଶୋଷଣ ବିରୋଧୀ ଆଦି ମୌଳିକ ଅଧିକାର ଆଦି ପ୍ରଦାନ କରାଯାଇଛି।

ପୁନଶ୍ଚ ଅନେକ ମୌଳିକ କର୍ତ୍ତବ୍ୟ ପାଳନ ପୂର୍ବକ ଦେଶର ଏକତା, ଅଖଣ୍ଡତା, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା ସହିତ ପରିବେଶ ସୁରକ୍ଷା ଓ ଜାତୀୟ ସମ୍ପତ୍ତିର ସୁରକ୍ଷା ଆଦି କର୍ତ୍ତବ୍ୟ ପ୍ରତ୍ୟେକ ନାଗରିକଙ୍କୁ ସ୍ମରଣ କରାଯାଇଛି।

ଏତଦବ୍ୟତୀତ ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ମାଧ୍ୟମରେ ଦେଶର ଏହି ସଂସଦୀୟ ଗଣତନ୍ତ୍ରର ଶାସନ ପରିଚାଳିତ ହୁଏ।

ଧର୍ମନିରପେକ୍ଷତା ଏହି ସମ୍ବିଧାନର ଅନ୍ୟ ଏକ ବିଶେଷତ୍ୱ। ପ୍ରତ୍ୟେକ ଧର୍ମର ଲୋକଙ୍କୁ ନିଜ ଧର୍ମ ପାଳନ ଓ ପ୍ରଚାର କରିବାର ସ୍ୱାଧୀନତା ଦିଆଯାଇଛି।

ଭାରତୀୟ ସମ୍ବିଧାନର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ଏହାର ସ୍ୱାଧୀନ ନ୍ୟାୟପାଳିକା । ନାଗରିକଙ୍କ ଅଧିକାର ସୁରକ୍ଷା ଓ ଆଇନର ଶାସନ ପ୍ରତିଷ୍ଠା ପାଇଁ ସ୍ୱାଧୀନ ନ୍ୟାୟ ବ୍ୟବସ୍ଥାର ପରିକଳ୍ପନା କରାଯାଇଛି।

ସମ୍ବିଧାନ ଦିବସ କେବଳ ଏକ ସ୍ମରଣୀୟ ତାରିଖ ନୁହେଁ ଏହା ଆମ ଗଣତାନ୍ତ୍ରିକ ଚେତନାର ଏକ ମହାନ ପର୍ବ। ଏହି ଦିବସ ଆମକୁ ଆମର ଅଧିକାର, କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରାଏ।

ଜାତି, ଧର୍ମ, ଭାଷା, ବର୍ଣ୍ଣ ଓ ଅଞ୍ଚଳଗତ ବିଭିନ୍ନତା ସତ୍ତ୍ୱେ ଆମେ ସମସ୍ତେ ଭାରତୀୟ ଏହି ମହାନ ଜାତୀୟ ଭାବନାକୁ ସମ୍ବିଧାନ ଦୃଢ଼ କରିଥାଏ। ଏହା ସମାଜରେ ସାମାଜିକ ନ୍ୟାୟ, ଆର୍ଥିକ ସମାନତା ଓ ରାଜନୈତିକ ସ୍ୱାଧୀନତା ପ୍ରତିଷ୍ଠା କରିବାର ମାର୍ଗ ପ୍ରଶସ୍ତ କରିଛି।

ଏହି ଦିବସରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସମ୍ବିଧାନର ପ୍ରସ୍ତାବନା ପାଠ, ଆଲୋଚନାଚକ୍ର, ବକ୍ତୃତା, ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଆଦି ଆୟୋଜିତ ହୋଇଥାଏ। ଏହାଦ୍ୱାରା ନୂତନ ପିଢ଼ି ଦେଶର ସାମ୍ବିଧାନିକ ମୂଲ୍ୟବୋଧ ସହିତ ପରିଚିତ ହେବାର ସୁଯୋଗ ପାଇଥାଏ।

ଭାରତର ସମ୍ବିଧାନକୁ ଆଜି ପର୍ଯ୍ୟନ୍ତ ୧୦୬ ଥର ସଂଶୋଧନ କରାଯାଇଛି। ଏହାର ସର୍ବଶେଷ ପ୍ରଣୀତ ସଂଶୋଧନ (ଏକ ଶହ ଷଷ୍ଠ ସଂଶୋଧନ) ଅଧିନିୟମ, ୨୦୨୩ (ନାରୀ ଶକ୍ତି ବନ୍ଦନ ଅଧିନିୟମ), ଯାହା ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ–ତୃତୀୟାଂଶ ଆସନ ସଂରକ୍ଷଣ ପ୍ରଦାନ କରେ।

ପୁନଶ୍ଚ ୮୬ତମ ସମ୍ବିଧାନ ସଂଶୋଧନ ଅଧିନିୟମ, ୨୦୦୨ରେ ଭାରତରେ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା କରିଥାଏ। ତଦ୍ ସନ୍ନିବିଷ୍ଟ ଧାରା ୨୧କ (ମୌଳିକ ଅଧିକାର) ୬ ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ପାଇଁ ଏହା ରାଜ୍ୟ ଓ କେନ୍ଦ୍ର ସରକାରକୁ ବାଧ୍ୟତାମୂଳକ କରିଥାଏ।

ସମ୍ବିଧାନ ଆମକୁ ଯେପରି ଅଧିକାର ପ୍ରଦାନ କରିଛି, ସେହିପରି ଅନେକ କର୍ତ୍ତବ୍ୟ ମଧ୍ୟ ଅର୍ପଣ କରିଛି। କେବଳ ନିଜ ଅଧିକାର ପାଇଁ ଦାବି କରିବା ଯଥେଷ୍ଟ ନୁହେଁ ଅନ୍ୟର ଅଧିକାରକୁ ସମ୍ମାନ ଦେବା ମଧ୍ୟ ଆମର ନୈତିକ ଦାୟିତ୍ୱ। ଦୁର୍ନୀତି, ଅନ୍ୟାୟ, ଜାତିଭେଦ, ଧର୍ମୀୟ ବିଦ୍ୱେଷ ଓ ଅସହିଷ୍ଣୁତାରୁ ଦୂରେଇ ରହିବା ଆବଶ୍ୟକ।

ଆମକୁ ମନେ ରଖିବାକୁ ହେବ ଯେ ଗଣତନ୍ତ୍ର କେବଳ ନିର୍ବାଚନ ଓ ଭୋଟଦାନରେ ସୀମିତ ନୁହେଁ। ଏହା ହେଉଛି ପରସ୍ପରର ମତାମତକୁ ସମ୍ମାନ ଦେବା, ଆଇନକୁ ମାନିବା, ନ୍ୟାୟ ପ୍ରତିଷ୍ଠା କରିବା ଏବଂ ରାଷ୍ଟ୍ରର ଉନ୍ନତିରେ ସକ୍ରିୟ ଭାଗୀଦାର ହେବାର ଏକ ମହାନ ପ୍ରକ୍ରିୟା।

ଭାରତୀୟ ସମ୍ବିଧାନ ଆମ ଜାତୀୟ ଜୀବନର ମେରୁଦଣ୍ଡ ଓ ଗଣତନ୍ତ୍ରର ମୂଳଭିତ୍ତି। ଏହାର ମହତ୍ତ୍ୱ କେବଳ ପୁସ୍ତକର ପୃଷ୍ଠାରେ ସୀମାବଦ୍ଧ ନ ରହି ଆମର ଉଚ୍ଚାରଣ , ଆଚରଣ, ବ୍ୟବହାର ଓ ଜୀବନଶୈଳୀରେ ପ୍ରତିଫଳିତ ହେବା ଆବଶ୍ୟକ। ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଦିବସ ପାଳନର ପ୍ରକୃତ ସାର୍ଥକତା ସେତେବେଳେ ପ୍ରତିପାଦିତ ହେବ, ଯେତେବେଳେ ଆମେ ସମ୍ବିଧାନର ଆଦର୍ଶକୁ ନିଜ ଜୀବନରେ ଅନୁସରଣ କରିବା।

ଆସନ୍ତୁ, ଏହି ପବିତ୍ର ଦିବସରେ ଆମେ ସମସ୍ତେ ଶପଥ ନେବା, ସମ୍ବିଧାନର ମର୍ଯ୍ୟାଦା ରକ୍ଷା କରିବା, ଜାତୀୟ ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିବା ଏବଂ ଏକ ନ୍ୟାୟପୂର୍ଣ୍ଣ, ସମତାଭିତ୍ତିକ, ଶାନ୍ତିପୂର୍ଣ୍ଣ ଓ ସମୃଦ୍ଧ ଭାରତ ଗଠନରେ ନିଜକୁ ସମର୍ପିତ କରିବା। ଅତଏବ ସମ୍ବିଧାନର ସମ୍ମାନ ଓ ଗଣତନ୍ତ୍ରର ଜୟଗାନ ହେଉ ଆମ ସମସ୍ତଙ୍କର ସଂକଳ୍ପାଶ୍ରୀ

ଶ୍ୟାମା ପ୍ରସାଦ ମିଶ୍ର ,
ପ୍ରକୃତି ବନ୍ଧୁ ଶିକ୍ଷକ , ଭଞ୍ଜନଗର , ଗଞ୍ଜାମ,

ଜନ୍ମ ମୃତ୍ୟୁର ଚକ୍ର ଓ ଭଗବତ୍ ପ୍ରାପ୍ତିର ଫଳ

ଆମ ସଭିଙ୍କ ମନରେ ଏକ ପ୍ରଶ୍ନ ଆସେ ଯେ ଏ ଯେଉଁ ଭଗବତ୍ ପ୍ରାପ୍ତି କଥା ଅଛି ତାହା କଣ ଅର୍ଥାତ୍ ଭଗବତ୍ ପ୍ରାପ୍ତିର ଫଳ କ’ଣ ତାହାର ସାଧାରଣ ଉତ୍ତର ହେଉଛି, ଯେଉଁମାନେ ଭଗବତ୍ ପ୍ରାପ୍ତି କରନ୍ତି, ସେମାନେ ଜନ୍ମ ମୃତ୍ୟୁର ଚକ୍ରରୁ ମୁକ୍ତ ହୋଇ ଭଗବାନଙ୍କର ଦିବ୍ୟ ଲୋକରେ ସ୍ଥାନ ପାଆନ୍ତି । ସେମାନଙ୍କୁ ପୁଣି ଏହି ସଂସାରରେ ଜନ୍ମନେବାକୁ ପଡ଼େ ନାହିଁ, ଯାହାକି ଦୁଃଖ ଭୋଗର ଏକ ସ୍ଥାନ ଅଟେ । ଆମେ ଜନ୍ମ ହେବାର କଷ୍ଟପ୍ରଦ ପ୍ରକ୍ରିୟା ଭୋଗ କରୁ ଏବଂ ଅସହାୟ ଭାବେ କ୍ରନ୍ଦନ କରେ । ଗୋଟିଏ ଛୋଟ ଶିଶୁ ଭାବରେ ଆମର ଅନେକ ଆବଶ୍ୟକତା ରହିଥାଏ ଯାହା ପ୍ରକାଶ କରି ନ ପାରି ଆମେ କାନ୍ଦିଥାଏ । କିଶୋର ଅବସ୍ଥାରେ ଆମେ ନିଜର ଶାରୀରିକ କାମନାକୁ ନେଇ ସଂଘର୍ଷରେ ମାନସିକ ଅଶାନ୍ତି ଭୋଗ କରେ । ବୈବାହିକ ଜୀବନରେ ସ୍ୱାମୀ/ସ୍ତ୍ରୀଙ୍କର ମନମୁଖୀ ସ୍ୱଭାବକୁ ସହ୍ୟ କରିବାକୁ ପଡିଥାଏ । ବୃଦ୍ଧାବସ୍ଥାରେ ଶାରୀରିକ କଷ୍ଟ ଭୋଗ କରେ । ଏହିପରି ସାରା ଜୀବନ ଆମେ ଶାରୀରିକ ଓ ମାନସିକ କଷ୍ଟ ସହିତ ଅନ୍ୟର ବ୍ୟବହାର ଏବଂ ପରିବେଶ ଜନିତ କ୍ଲେଶ ଭୋଗକରିଥାଏ । ଶେଷରେ ଆମେ ମୃତ୍ୟୁର କଷ୍ଟ ଅନୁଭବ କରିଥାଏ । ଏହି ସବୁ ଯାତନା ଅର୍ଥହୀନ ନୁହେଁ, ଭଗବାନଙ୍କର ବୃହତ୍ ଯୋଜନାରେ ଏହାର ଗୋଟିଏ ଉଦ୍ଦେଶ୍ୟ ରହିଛି । ଏହା ଆମର ହୃଦ୍‌ବୋଧ କରାଇଥାଏ ଯେ ଭ

ଲିଙ୍ଗଭିତ୍ତିକ ହିଂସା ବିରୋଧରେ ୧୬ ଦିନିଆ ଅଭିଯାନ ଉଦ୍‌ଘାଟିତ



ନବରଙ୍ଗପୁର,୨୫।୧୧ (ଆନିସ): ମହିଳା ଓ ବାଳିକାଙ୍କ ବିରୋଧରେ ଘଟୁଥିବା ସମସ୍ତ ପ୍ରକାରର ଲିଙ୍ଗଭିତ୍ତିକ ହିଂସାର ଅବସାନ, ସେମାନଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାର ସୁନିଶ୍ଚିତ କରିବା ସହ ଏକ ସୁରକ୍ଷିତ ଓ ହିଂସାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ନବରଙ୍ଗପୁର ଜିଲ୍ଲାରେ ୧୬ ଦିନିଆ ଲିଙ୍ଗଭିତ୍ତିକ ହିଂସା ବିରୋଧୀ ଅଭିଯାନ-୨୦୨୬ର ଆଜି ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ନଭେମ୍ବର ୨୫ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଚାଲିବ। ଏହି ଅବସରରେ ଆଜି ସକାଳେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ମିଶନ ଶକ୍ତି ସମ୍ମିଳନୀ କକ୍ଷ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଶ୍ୱଜିତ ବର୍ମନ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଭିନ୍ନ ବ୍ଲକ୍‌ର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ), ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉତ୍ସାହର ସହ ଯୋଗଦେଇଥିଲେ ଶୋଭାଯାତ୍ରାରେ ମହିଳା ଓ ବାଳିକାଙ୍କ ସୁରକ୍ଷା, ଲିଙ୍ଗଗତ ସମାନତା ଏବଂ ହିଂସାମୁକ୍ତ ସମାଜ ଗଠନ ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦିଆଯାଇଥିଲା। ପରେ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଶ୍ୱଜିତ ବର୍ମନ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ସାହୁ ପ୍ରମୁଖ ଯୋଗଦେଇ ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଏହି ଅଭିଯାନର ଗୁରୁତ୍ୱ ଉପରେ ଆଲୋକପାତ କରି ମହିଳା ଓ ବାଳିକାଙ୍କ ପ୍ରତି ହିଂସା ରୋକିବା ଦିଗରେ ସମାଜର ସମସ୍ତ ବର୍ଗର ଲୋକଙ୍କ ସକ୍ରିୟ ସହଯୋଗ ଓ ସହଭାଗିତା ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ଇଣ୍ଡିଆନ୍ ସୋସାଇଟି ଫର୍ ରୁରାଲ୍ ଡେଭଲପମେଣ୍ଟ () ନାମକ ସ୍ୱେଚ୍ଛାସେବୀ ସଂଗଠନ ଏବଂ ୱାନ୍ ଷ୍ଟପ୍ ସେଣ୍ଟରପକ୍ଷରୁ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇବା ସହ ଅଭିଯାନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷର ଅଭିଯାନର ବିଷୟବସ୍ତୁ ରହିଛି ''ମହିଳା ଓ ବାଳିକାଙ୍କ ବିରୋଧରେ ହିଂସାର ଅନ୍ତ ଘଟାଇବା ପାଇଁ ଏକଜୁଟ ହେବା''। ଏହି ଅଭିଯାନ ମାଧ୍ୟମରେ ଘରୋଇ ହିଂସା, ଯୌତୁକ ନିର୍ଯାତନା, ଯୌନ ଉତ୍ପୀଡ଼ନ, ବାଲ୍ୟ ବିବାହ, ମହିଳା ଚାଲାଣ ଏବଂ ସାଇବର ହିଂସା ଭଳି ବିଭିନ୍ନ ସାମାଜିକ ବ୍ୟାଧି ବିରୋଧରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ। ଏହି ୧୬ ଦିନିଆ ଅଭିଯାନ ଅବଧିରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ଗ୍ରାମାଞ୍ଚଳରେ ସଚେତନତା ସଭା, ଶୋଭାଯାତ୍ରା, ଆଲୋଚନାଚକ୍ର ଏବଂ ଅନ୍ୟାନ୍ୟ ଜନସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହା ମାଧ୍ୟମରେ ମହିଳା ଓ ବାଳିକାଙ୍କ ଅଧିକାର, ଆଇନଗତ ସୁରକ୍ଷା ବ୍ୟବସ୍ଥା ଏବଂ ହିଂସାର ଶିକାର ହେଲେ ଉପଲବ୍ଧ ସହାୟତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବ। ମହିଳା ଓ ବାଳିକାଙ୍କ ପାଇଁ ଏକ ସୁରକ୍ଷିତ, ସମାନତାଭିତ୍ତିକ ଓ ହିଂସାମୁକ୍ତ ସମାଜ ଗଠନ କରିବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ସାମୂହିକ ଦାୟିତ୍ୱ। ସମସ୍ତଙ୍କ ସହଭାଗିତା, ସଚେତନତା ଓ ସମୂହ ପ୍ରୟାସ ଦ୍ୱାରା ହିଁ ମହିଳା ଓ ବାଳିକାଙ୍କ ବିରୋଧରେ ହିଂସାର ଅନ୍ତ ଘଟାଇବା ସମ୍ଭବ ବୋଲି ଏହି ଅଭିଯାନ ମାଧ୍ୟମରେ ଆହ୍ୱାନ ଦିଆଯାଇଛି

କୋଟିଆକୁ ନେଇ ଓଡ଼ିଶା-ଆନ୍ଧ୍ର ମୁହାଁମୁହିଁ, ଏକାଠି ହେଲେ ସର୍ବଦଳୀୟ ନେତା



ଜୟପୁର,୨୫।୧୧ (ଆନିସ): କୋଟିଆକୁ ନେଇ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ପୁଣି ତୀବ୍ର ହୋଇଛି ସୀମା ବିବାଦ। ଡିସେମ୍ବର

ଡିସେମ୍ବର ୨ରେ ଆନ୍ଧ୍ରର ନିର୍ବାଚନ ପ୍ରସ୍ତୁତିକୁ ଓଡ଼ିଶାର ବିରୋଧ, ମନ୍ତ୍ରୀଙ୍କ ବୟାନକୁ ନେଇ ବଢ଼ିଲା ବିବାଦ

୨ରେ କୋଟିଆରେ ପଞ୍ଚାୟତ ନିର୍ବାଚନ କରାଇବାକୁ ଆନ୍ଧ୍ରର ପ୍ରସ୍ତୁତିକୁ ବିରୋଧ କରି ଓଡ଼ିଶାର ବିଭିନ୍ନ ରାଜନୈତିକ ଦଳର ନେତା ଏକାଠି ହୋଇଛନ୍ତି। ଆନ୍ଧ୍ରରେ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀଙ୍କୁ ଭେଟି ନାମାଙ୍କନ ପ୍ରତ୍ୟାହାର ପାଇଁ ବୁଝାଇବାକୁ ସର୍ବଦଳୀୟ ନେତା ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ କୋଟିଆରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।ସୂଚନା ଅନୁଯାୟୀ, ନଭେମ୍ବର ୨୧ରୁ ୨୩ ତାରିଖ ମଧ୍ୟରେ ଆନ୍ଧ୍ର ପକ୍ଷରୁ ନାମାଙ୍କନ ଦାଖଲ ଏବଂ ୨୪ ତାରିଖରେ ପ୍ରତ୍ୟାହାର ପ୍ରକ୍ରିୟା ରହିଥିଲା। କୋଟିଆରୁ ଦୁଇଜଣ ସରପଞ୍ଚ ପ୍ରାର୍ଥୀ ନାମାଙ୍କନ ଭରିଥିବା ଜଣାପଡ଼ିଛି। ଏପଟେ ଡିସେମ୍ବର ୧ ଓ ୨ ତାରିଖରେ କୋଟିଆ ପରବ ଆୟୋଜନ ପାଇଁ ଓଡ଼ିଶା ପ୍ରଶାସନ ପ୍ରସ୍ତୁତି ଚଳାଇଛି।

ଏହି ବିବାଦି ମଧ୍ୟରେ ଆନ୍ଧ୍ରପ୍ରଦେଶର ଆଦିବାସୀ ଉନ୍ନୟନ ମନ୍ତ୍ରୀ ସଂଧ୍ୟାରାଣୀଙ୍କ ବୟାନ ନୂଆ ବିବାଦ ସୃଷ୍ଟି କରିଛି। ଓଡ଼ିଶା ପ୍ରଶାସନ ଆଦିବାସୀଙ୍କୁ ଅଟକ ରଖିବା ସହ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି। ଆବଶ୍ୟକ ପଡ଼ିଲେ ଏହି ପ୍ରସଙ୍ଗକୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ନଜରକୁ ନିଆଯିବ ବୋଲି ସେ କହିଛନ୍ତି।ଉଭୟ ଓଡ଼ିଶା ଓ ଆନ୍ଧ୍ରରେ ବିଜେପି ସରକାର ଥିବା ସତ୍ତ୍ୱେ କୋଟିଆ ବିବାଦର ସ୍ଥାୟୀ ସମାଧାନ ହୋଇନପାରିବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ରାଜନୈତିକ ଆରୋପ-ପ୍ରତ୍ୟାରୋପ ମଧ୍ୟରେ କୋଟିଆବାସୀଙ୍କ ଅଧିକାର, ସୁରକ୍ଷା ଓ ବିକାଶ ଏବେ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଦୁଇ ରାଜ୍ୟ ସରକାର ଏହି ସମ୍ବେଦନଶୀଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେବେ ଠୋସ୍ ପଦକ୍ଷେପ ନେବେ, ତାହାକୁ ନେଇ ଅପେକ୍ଷା ରହିଛି।

ଚିତ୍ରକୋଣ୍ଡା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ମାରାଥନ୍ ସମୀକ୍ଷା ଓ କ୍ଷେତ୍ର ପରିଦର୍ଶନ

ଉନ୍ନୟନମୂଳକ ପ୍ରକଳ୍ପ ଓ ସରକାରୀ ସେବାକୁ ତ୍ୱରାନ୍ୱିତ କରିବାକୁ କଡ଼ା ନିର୍ଦ୍ଦେଶ



ଚିତ୍ରକୋଣ୍ଡା (ମାଲକାନଗିରି), ୨୫।୧୧ (ଆନିସ): ମାଲକାନଗିରି ଜିଲ୍ଲାର ଉପାନ୍ତ ତଥା ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ ଚିତ୍ରକୋଣ୍ଡା ବ୍ଲକ୍‌ର ସାମଗ୍ରିକ ବିକାଶକୁ ଗତିଶୀଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏହି କ୍ରମରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେର୍କେ ଆଜି ଚିତ୍ରକୋଣ୍ଡା ବ୍ଲକ୍ ଗସ୍ତ କରି ବ୍ଲକ୍ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ଭିତ୍ତିଭୂମି ନିର୍ମାଣ ଓ ପ୍ରଶାସନିକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି । ଗସ୍ତର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାପାଳ ଚିତ୍ରକୋଣ୍ଡା ବ୍ଲକ୍ କାର୍ଯ୍ୟାଳୟଠାରେ ପହଞ୍ଚି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ ବ୍ଲକ୍ ଅଞ୍ଚଳରେ ଚାଲିଥିବା ରାସ୍ତାଘାଟ ନିର୍ମାଣ, ପାନୀୟ ଜଳ, ବିଦ୍ୟୁତ ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ବର୍ତ୍ତମାନର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଯେପରି ସ୍ୱଚ୍ଛତା ଓ ସଠିକ୍ ଭାବେ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ ହେବ, ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି ଦୁର୍ଗମ ଅଞ୍ଚଳର ସ୍ଥାନୀୟ ଜନସାଧାରଣଙ୍କ ମୌଳିକ ସୁବିଧା ପୂରଣ କରିବା ଏବଂ ସେମାନଙ୍କ ଜୀବିକା ବିକାଶକୁ ପ୍ରାଥମିକତା ଦେଇ ଚିତ୍ରକୋଣ୍ଡା ଅଞ୍ଚଳର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । କୌଣସି ପ୍ରକଳ୍ପ କାର୍ଯ୍ୟରେ ଅଯଥା ବିଳମ୍ବ ନକରି ଗୁଣବତ୍ତା ବଜାୟ ରଖିବାକୁ ସେ ତାଗିଦ କରିଥିଲେ । ଜିଲ୍ଲାପାଳ କହିଛନ୍ତି ଯେ ଚିତ୍ରକୋଣ୍ଡା ଅଞ୍ଚଳର ସାମଗ୍ରିକ ବିକାଶ ଆମ ପ୍ରଶାସନର ପ୍ରମୁଖ ଲକ୍ଷ୍ୟ । ପ୍ରତ୍ୟେକ ଉନ୍ନୟନମୂଳକ ପ୍ରକଳ୍ପ ଓ ସରକାରୀ ଯୋଜନାର ଲାଭ ଯେପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତୃଣମୂଳ ସ୍ତରର ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବ, ତାହା ସୁନିଶ୍ଚିତ କରିବାକୁ ସମସ୍ତ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

ବ୍ଲକ୍ କାର୍ଯ୍ୟାଳୟର ବୈଠକ ପରେ ଜିଲ୍ଲାପାଳ ଚିତ୍ରକୋଣ୍ଡା ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରି ସେଠାକାର ପ୍ରଶାସନିକ କାର୍ଯ୍ୟକଳାପ ତଦାରଖ କରିଥିଲେ । ତହସିଲ କାର୍ଯ୍ୟାଳୟକୁ ବିଭିନ୍ନ କାମରେ ଆସୁଥିବା ସାଧାରଣ ଜନତାଙ୍କୁ କିପରି ତ୍ୱରିତ ଓ ସୁବିଧାରେ ସେବା ମିଳିପାରିବ, ସେ ନେଇ ସେ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ତହସିଲରେ ରାଜସ୍ୱ ସେବା, ଜମିଜମା ସମ୍ପୃକ୍ତୀୟ କାର୍ଯ୍ୟ ଏବଂ ରେକର୍ଡ ପରିଚାଳନାକୁ ଅଧିକ ବ୍ୟବସ୍ଥିତ ଓ ଡିଜିଟାଲାଇଜ୍ କରିବା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ । ଏହାପରେ ସେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଗସ୍ତ କରି ସେଠାକାର କାର୍ଯ୍ୟର ସମୀକ୍ଷା କରିଥିଲେ । ଆଇସିଡିଏସ ମାଧ୍ୟମରେ ଗର୍ଭବତୀ ମହିଳା, ପ୍ରସୂତି ଓ ଶିଶୁମାନଙ୍କ ପୁଷ୍ଟିସାଧନ ତଥା ବିକାଶମୂଳକ ଯୋଜନାଗୁଡ଼ିକର ସଫଳ ରୂପାୟନ ଉପରେ ସେ ଗୁରୁତ୍ୱାରୋପ କରିବା ସହ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର କାର୍ଯ୍ୟଧାରାକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ଗସ୍ତ ସମୟରେ ଜିଲ୍ଲାପାଳ ଚିତ୍ରକୋଣ୍ଡାଠାରେ ନିର୍ମାଣାଧୀନ ନୂତନ ତହସିଲ କାର୍ଯ୍ୟାଳୟ କୋଠାର ନିର୍ମାଣ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରି ଅଗ୍ରଗତି ଅନୁଧ୍ୟାନ କରିଥିଲେ । ନିର୍ମାଣ କାର୍ଯ୍ୟର ମାନ ଯାଞ୍ଚ କରିବା ସହ ଯଥାଶୀଘ୍ର କୋଠା ନିର୍ମାଣ ଶେଷ କରିବାକୁ ସେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗସ୍ତର ଶେଷ ପର୍ଯ୍ୟାୟରେ ଜିଲ୍ଲାପାଳ ବାଲିମେଳା ଉପ-କୋଷାଗାର ପରିଦର୍ଶନ କରି ସେଠାକାର ଆର୍ଥିକ ପରିଚାଳନା, ରେକର୍ଡପତ୍ର ଓ ଦୈନନ୍ଦିନ କାର୍ଯ୍ୟର ସମୀକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଚିତ୍ରକୋଣ୍ଡା ବିଡିଓ, ତହସିଲଦାର, ସିଡିପିଓ ଏବଂ ଅନ୍ୟାନ୍ୟ ବ୍ଲକ୍ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ

ମେଗା ମେମ୍ବରସିପ୍ ଡ୍ରାଇଭ୍ ଓ ତାଲିମ କାର୍ଯ୍ୟକ୍ରମ



ଜୟପୁର,୨୫।୧୧ (ଆନିସ): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍, ଜୟପୁର ପକ୍ଷରୁ ନିର୍ଦ୍ଦେଶକ ମଣ୍ଡଳୀ ଓ ପରିଚାଳନା ନିର୍ଦ୍ଦେଶକଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କିତ ଏକ ତାଲିମ କାର୍ଯ୍ୟକ୍ରମ ସହ ମେଗା ମେମ୍ବରସିପ୍ ଡ୍ରାଇଭ୍ ଉପରେ ଆଲୋଚନା ହୋଇଥିଲା। ଏଥିରେ ଋଣ ଯୋଜନା, ଆୟବ୍ୟୟ, ସମ୍ପତ୍ତି ପରିଚାଳନା, ଋଣ ଆଦାୟ ଓ ଆର୍ଥିକ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଜିଲ୍ଲାର ସମସ୍ତ ଲ୍ୟାମ୍ପସ୍‌ରେ ଅଧିକରୁ ଅଧିକ ଚାଷୀଙ୍କୁ ସଦସ୍ୟ କରି କୃଷି ଋଣ ଯୋଗାଇବା ଏବଂ କୃଷିର ଆର୍ଥିକ ବିକାଶ ଦିଗରେ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା।

ଏହି କାର୍ଯ୍ୟକ୍ରମରେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍ ସଭାପତି ଇଂ. ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଉପନିବନ୍ଧକ ଜୟପୁର ମୋନିକା ରାୟ ,ନିର୍ଦ୍ଦେଶକ ରମାକାନ୍ତ ରାଉଳ, ଉପସଭାପତି ଦ୍ରୁପତା ଭତ୍ରା, ଉଦୟନାଥ ମାଦ୍ରି, କୃଷ୍ଣଚନ୍ଦ୍ର ଜାନି, ପ୍ରଭା ଜାନି, ହରିଶ୍ଚନ୍ଦ୍ର ବନାଗାଡ଼ି ଓ ବ୍ୟାଙ୍କ ସମ୍ପାଦକ ଐଶ୍ୱର୍ଯ୍ୟ ରନ୍ ମହାନ୍ତିଙ୍କ ସମେତ ଜିଲ୍ଲାର ବିଭିନ୍ନ ଲ୍ୟାମ୍ପସ୍‌ର ନିର୍ଦ୍ଦେଶକ ଓ ସମବାୟ କର୍ମକର୍ତ୍ତା ଯୋଗଦେଇଥିଲେ। ସମବାୟ ସଂସ୍ଥାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ସଦସ୍ୟଙ୍କ ଆର୍ଥିକ ଉନ୍ନତି ପାଇଁ ଏପରି ତାଲିମ କାର୍ଯ୍ୟକ୍ରମ ଉପାଦେୟ ହେବ ବୋଲି ମତପ୍ରକାଶ ପାଇଥିଲା।

ଚାରିମାସର ଶିଶୁର ମୃତଦେହ ନେବାକୁ ମିଳିଲାନି ଆମ୍ବୁଲାନ୍ସ

ମାଲକାନଗିରି,୨୫।୧୧ (ଆନିସ): ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁବରଣ କରିଥିବା ଏକ ଚାରିମାସର ଶିଶୁର ମୃତଦେହ ନିଜ ଗାଁକୁ ନେବା ପାଇଁ ଆମ୍ବୁଲାନ୍ସ ନମିଳିବାରୁ ଏକ ଆଦିବାସୀ ପରିବାର ବାଧ୍ୟ ହୋଇ ଅଟୋରେ ମୃତଦେହକୁ ବୋହି ନେଇଥିବା ଅଭିଯୋଗ ହୋଇଛି। ପ୍ରାୟ ୫୦ କିଲୋମିଟର ଦୂରତା ଅଟୋରେ ଅତିକ୍ରମ କରି ମୃତ ଶିଶୁକୁ ଗାଁକୁ ନେବା ଘଟଣା ସ୍ୱାସ୍ଥ୍ୟସେବାର ମାନବିକତା ଓ ଉପଲବ୍ଧତାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ଘଟଣାରୁ ପ୍ରକାଶ ଯେ, କାଳିମେଳା ବ୍ଲକ୍ ଅନ୍ତର୍ଗତ ବେଜଙ୍ଗୱାଡା ପଞ୍ଚାୟତର ଅର୍ଣ୍ଣମାଲା ଗ୍ରାମର ରିନା କବାସୀଙ୍କ ଚାରିମାସର ଶିଶୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ପରିବାର ବର୍ଗ ଶିଶୁକୁ ଚିକିତ୍ସା ପାଇଁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶିଶୁଟିର ମୃତ୍ୟୁ ହୋଇଥିଲା। ଶିଶୁର ମୃତ୍ୟୁ ପରେ ମୃତଦେହକୁ ନିଜ ଗାଁକୁ ନେବା ପାଇଁ ପରିବାର ପକ୍ଷରୁ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ଉଦ୍ୟମ କରିଥିଲେ ତେବେ ଆମ୍ବୁଲାନ୍ସ ଭଡ଼ା ପାଇଁ ପଇସା ନଥିବାରୁ ଶେଷରେ ଅସହାୟ ପରିବାର ଏକ ଅଟୋ ଭଡ଼ା କରି ପ୍ରାୟ ୫୦ କିଲୋମିଟର ଦୂର ନିଜ ଗାଁକୁ ମୃତ ଶିଶୁର ଦେହକୁ ନେଇ ଯାଇଥିଲେ। ଏହି ହୃଦୟବିଦାରକ ଘଟଣା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଓ ମୃତଦେହ ପରିବହନ ବ୍ୟବସ୍ଥାର ଅବ୍ୟବସ୍ଥାକୁ ପଦାରେ ପକାଇଛି। ଏବାବଦରେ ଆମ୍ବୁଲାନ୍ସ ଡ୍ରାଇଭର ରମେଶ କୁ ପଚରିବାରୁ ସେ କହିଥିଲେ ଯେ ସରକାରୀ ନିୟମ ଅନୁଯାୟୀ କିଲୋମିଟର ପିଛା ୧୩ଟଙ୍କା ଦେବାକୁ ପଡିବ ନଚେତ୍ ରାସନ୍ କାର୍ଡ କିମ୍ବା ବିପିଏଲ କାର୍ଡ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦତ୍ତ ମାଗଣା ଆମ୍ବୁଲାନ୍ସ ବାବଦରେ ଲିଖିତ ପତ୍ର ଦେଖାଇଲେ ଗନ୍ତବ୍ୟ ଜାଗାକୁ ନେଇଥେବ । ମୃତ୍ୟୁ ପରେ ମଧ୍ୟ ଗରିବ ଓ ଆଦିବାସୀ ପରିବାରକୁ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାରେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଓ ମୃତଦେହ ପରିବହନ ପାଇଁ ଆବଶ୍ୟକ ସହାୟତା ବ୍ୟବସ୍ଥା ଉପରେ ତଦନ୍ତ ସହ ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ ହେବାକୁ ଦାବି ହୋଇଛି।

ମାଲକାନଗିରିରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ସଫଳ ଚାଷୀଙ୍କୁ ସମ୍ମାନିତ, ହିତାଧିକାରୀଙ୍କୁ ସହାୟତା ପ୍ରଦାନ



ମାଲକାନଗିରି, ୨୫।୧୧ (ଆନିସ):ମାଲକାନଗିରି ସଦର ମଲିକେଶ୍ୱର୍ ଖେଳ ପଡିଆଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୬ ଆଡ଼ମ୍ବରପୂର୍ଣ୍ଣ ଭାବେ ଆୟୋଜିତ ହୋଇଥିଲା। ଏହି ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନ

ଭାରସାମ୍ୟ ହରାଇ ଧୋଇ ଯାଇଥିବା ରାସ୍ତା ତଳକୁ ଖସିଲା ବାଇକ

ଜଣେ ମୃତ, ଜଣେ ଆହତ



ଘୁ .ଉଦୟଗିରି,୨୫।୧୧(ଆନିସ): ଗତ ବିଳମ୍ବିତ ରାତିରେ ମଧୁଝରୀ ଘାଇ ନିକଟସ୍ଥ ଧୋଇ ଯାଇଥିବା ରାସ୍ତା ତଳକୁ ଭାରସାମ୍ୟ ହରାଇ ଏକ ବାଇକ ଖସିଯାଇ ଦୁର୍ଘଟଣା ଘଟିବା ଫଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଆହାତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି। ମୃତକ ଜଣକ କଳିଙ୍ଗା ଦୁଗୁଡ଼ିପାରି ଅଞ୍ଚଳର ଅଶୋକ କହଁର ୫୦ ବୋଲି ଜଣାପଡିଛି। ବିବରଣୀରୁ ପ୍ରକାଶ ଯେ କଳିଙ୍ଗା ଦୁଗୁଡିପାରୀ ଅଞ୍ଚଳର ଅଶୋକ ଓ ଅନ୍ୟଜଣେ ରଟିଙ୍ଗିଆ ଅଞ୍ଚଳକୁ ଯାଇ ବିଳମ୍ବିତ ରାତିରେ ଅର୍ଣ୍ଣବ ବାତ୍ୟାରେ ଧୋଇହୋଇ ଯାଇଥିବା ରାସ୍ତା ଦେଇ ଘରକୁ ଫେରୁଥିବା ବେଳେ ଅନ୍ଧାରରେ ରାସ୍ତା ତଳକୁ ଖସିପଡିଥିଲେ। ପ୍ରକାଶ ଥାଉକି ଗତ ଅର୍ଣ୍ଣବ ବାତ୍ୟାରେ ମଧୁଝରି ଘାଇର ହିଡ ଭାଙ୍ଗିଯିବା ଫଳରେ ରଟିଙ୍ଗିଆ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାଟି ପୁରା ଧୋଇଯାଇ ପ୍ରାୟ ୩୦ ଫୁଟ ଗଭୀର ସୃଷ୍ଟି ହୋଇଥିଲା। ସେବେ ଠାରୁ ଗୋଟିଏ ପଟେ ପଥର ରଖିବା ଓ ଅନ୍ୟ ପଟେ ଲାଲ ରିବନ ବାନ୍ଧି ରାସ୍ତାକୁ ବନ୍ଦ କରାଯାଇଥିବା ବେଳେ ଜାଣି ନପାରି ସେ ରାସ୍ତାରେ ଉଭୟେ ବାଇକରେ ଆସିଥିବାରୁ ଅନ୍ଧାରରେ ଦୁର୍ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଘୁ .ଉଦୟଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ବାଇକ କୁ ଉଦ୍ଧାର କରି ତଦନ୍ତ ଜାରି ରଖିଛି।

ସାତ ଦଫା ଦାବିରେ ଅଙ୍ଗନବାଡି କର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଆନ୍ଦୋଳନରେ ସାମିଲ ହେଲେ ପୂର୍ବତନ ଲାଞ୍ଜିଗଡ ବିଧାୟକ



ଥୁଆମୂଳ ରାମପୁର,୨୫।୧୧(ଆନିସ): ନିଜର ହକପାଇଁ ଏବଂ ଦୀର୍ଘ ଦିନର ଦାବି ପୂରଣ ନହେବାରୁ ପୁଣିଥରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ରାଜ୍ୟର ହଜାର ହଜାର ଅଙ୍ଗନବାଡି କର୍ମୀ ଓ ସହାୟିକା। ଅଲ ଓଡିଶା ଅଙ୍ଗନବାଡି ଲେଡିସ୍ ୱାର୍କର୍ସ ଆସୋସିଏସନ ପକ୍ଷରୁ ଗତ ୨୩ ତାରିଖରୁ ରାଜ୍ୟବ୍ୟାପୀ ଅନିର୍ଦ୍ଦିଷ୍ଟକାଳୀନ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଥିବା ରାଜ୍ୟର ବିଭିନ୍ନ ଜିଲ୍ଲା, ବ୍ଲକ ଗୁଡିକରେ ମଧ ଏହି ଆନ୍ଦୋଳନ ଜୋରଦାର ଚାଲିଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ମଙ୍ଗଳବାର ୭ ଦଫା ଦାବିରେ ଅଙ୍ଗନବାଡି ଲେଡିସ୍ ୱାର୍କର୍ସ ଆସୋସିଏସନ ନିର୍ଦ୍ଦେଶ କ୍ରମେ ଥୁଆମୂଳ ରାମପୁର ବ୍ଲକ ଅଙ୍ଗନବାଡି ସଂଘ ପକ୍ଷରୁ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ମୁଖ୍ୟ ଫାଟକ ପରିସରରେ ଅନିର୍ଦ୍ଦିଷ୍ଟକାଳୀନ କାର୍ଯ୍ୟବନ୍ଦ ଆନ୍ଦୋଳନ ଦିଆଯାଇଛି। ଲାଞ୍ଜିଗଡ ନିର୍ବାଚନମଣ୍ଡଳୀ ପୂର୍ବତନ ବିଧାୟକ ବଳଭଦ୍ର ମାଝୀ ମଧ କିଛି ସମୟ ଏଥିରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିବା ବେଳେ କଂଗ୍ରେସ କର୍ମୀମାନେ ମଧ ଉପସ୍ଥିତ ହୋଇଥିଲେ। ଅଙ୍ଗନବାଡି କର୍ମୀଙ୍କ ସହିତ ଶ୍ରୀମାଝୀ ଏନେଇ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିବା ଜଣାପଡ଼ିଛି। ସଙ୍ଘ ପକ୍ଷରୁ ୭ ଦଫା ଦାବି ନେଇ ଅଦିନିଷ୍ଟକାଳୀନ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ସେମାନଙ୍କ ଦାବି ଗୁଡିକ ରହିଛି ଯେ, ଅଙ୍ଗନବାଡି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ଅଙ୍ଗନବାଡି କର୍ମୀଙ୍କ ମାସିକ ପାରିଶ୍ରମିକ ବାବଦରେ ୩୦ ହଜାର ଟଙ୍କା ଏବଂ ସହାୟିକାଙ୍କ ପାରିଶ୍ରମିକ ୧୫ ହଜାର ଟଙ୍କା ବା ୧୮ ହଜାର ଟଙ୍କାକୁ ବୃଦ୍ଧି କରିବା, ସୁପ୍ରିମକୋର୍ଟ ଙ୍କ ନିର୍ଦ୍ଦେଶ ଅନୁଯାୟୀ ଗ୍ରାଚ୍ୟୁଇଟ ଲାଗୁ କରିବା ସହ ଅବସର ସମୟରେ କର୍ମୀଙ୍କୁ ୧୦ ଲକ୍ଷ ଟଙ୍କା ଓ ସହାୟକାଙ୍କୁ ୫ ଲକ୍ଷ ଟଙ୍କାର ଏକକାଳୀନ ସହାୟତା ପ୍ରଦାନ କରିବା, ୫୫ ବର୍ଷ ବୟସର କର୍ମୀଙ୍କ ବାର୍ଷିକ କାର୍ଯ୍ୟଦକ୍ଷତା ସମୀକ୍ଷା ବ୍ୟବସ୍ଥାକୁ ବାତିଲ କରିବା ଏବଂ ୬୦ ବର୍ଷ ପରେ କାର୍ଯ୍ୟକାଳ ବୃଦ୍ଧି ପ୍ରକ୍ରିୟାକୁ ସରଳ କରିବା, ପୋଷଣ ଟ୍ରାକର ଆପରେ ତଥ୍ୟ ଅପଲୋଡ କରିବା ସମୟରେ ନେଟୱର୍କ ସମସ୍ୟା ଯୋଗୁଁ ହେଉଥିବା ଅତିରିକ୍ତ ମାନସିକ ଚାପରୁ ମୁକ୍ତି ଦେବା ଭଳି ବିଭିନ୍ନ ଦାବି ରହିଛି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ମୁଖ୍ୟାଳୟ ସମେତ ବ୍ଲକର ଅନ୍ୟାନ୍ୟ ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ଗ୍ରାମାଞ୍ଚଳ ଓ ଆଦିବାସୀ ଦୁର୍ଗମ ଅଞ୍ଚଳରେ ପ୍ରାକ – ବିଦ୍ୟାଳୟ ଶିକ୍ଷା, ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ (ଅଣ୍ଡା, ଛତୁଆ) ବଣ୍ଟନ ସହ ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଅପରପକ୍ଷରେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବୁ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ତେବେ ସରକାର ଏହି ସମସ୍ୟା ଗୁଡିକର ସମାଧାନ କିଭଳି କରୁଛନ୍ତି ଏବଂ କେବେ ଅଙ୍ଗନବାଡି କେନ୍ଦ୍ରଗୁଡିକ ପୁଣି ସ୍ୱାଭାବିକ ହେଉଛି, ତାହା ଆଗକୁ ଦେଖିବାକୁ ବାକି ରହିଲା ବୋଲି ଆଲୋଚନା ଚାଲିଛି।

ପଟ୍ଟାମୁଣ୍ଡାଇରେ ବୋଇତ ବନ୍ଦାଣ ଓ ବାଲିଯାତ୍ରା ଉତ୍ସବ

ସଂସ୍କୃତି,କୃଷି ଓ ପର୍ଯ୍ୟଟନର ବିକାଶ ପଟ୍ଟାମୁଣ୍ଡାଇ ବିକାଶର ମାଇଲଖୁଣ୍ଟ ହେବ: ଧ୍ରୁବ ସାହୁ



ପଟ୍ଟାମୁଣ୍ଡାଇ,୨୫।୧୧(ଆନିସ): ସଂସ୍କୃତି କୃଷି ଓ ପର୍ଯ୍ୟଟନର ବିକାଶ ପଟ୍ଟାମୁଣ୍ଡାଇ ବିକାଶର ମାଇଲଖୁଣ୍ଟ ହେବ ବୋଲି ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ କଷଣଅଣ୍ଟା– ପତ୍ରପୁର ବ୍ରାହ୍ମଣୀ ନଦୀ ତଟରେ ଆୟୋଜିତ ୧୫ତମ ବୋଇତ ବନ୍ଦାଣ ଓ ଚଳିତ ବର୍ଷ ପ୍ରଥମ ଥର ପାଇଁ ଆୟୋଜିତ ବାଲିଯାତ୍ରା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି । ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀ ବଲ୍ଲଭ ନାୟକଙ୍କ ପୌରହିତ୍ୟ ଓ ଶିକ୍ଷାବିତ ସୁରେଶ ଜେନାଙ୍କ ସଂଯୋଜନାରେ ଆୟୋଜିତ ବର୍ଣ୍ଢ୍ୟ ଉତ୍ସବରେ ରାଜନଗର ବିଧାୟକ ଶ୍ରୀସାହୁ କହିଲେ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲାରେ କୃଷି ହେଉଛି ମୁଖ୍ୟ ଜୀବିକା। କଳା ତୀର୍ଥ ପଟ୍ଟାମୁଣ୍ଡାଇର ମହାନ କଳା ସଂସ୍କୃତି ସହିତ କୃଷି ସମନ୍ୱିତ କୃଷି ଓ ପର୍ଯ୍ୟଟନର ବିକାଶ ହେଲେ ଏ ଅଂଚଳର ମାନବ ସମ୍ବଳ ଯୁବଛାତ୍ର ଶକ୍ତି ନିଯୁକ୍ତି ଓ ଆମ୍ ନିଯୁକ୍ତିର ସୁଯୋଗ ପାଇ ଜିଲ୍ଲାର ଆର୍ଥିକ ବିକାଶରେ ସହାୟକ ହୋଇପାରିବେ । ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରି ବହୁ ଗୌରବରେ ଗୌରବାନ୍ୱିତ ପଟ୍ଟାମୁଣ୍ଡାଇ ଆଜି ସାରା ବିଶ୍ୱରେ ନିଜର ଉପସ୍ଥିତି ଜାହିର କରିପାରିଛି। କେନ୍ଦ୍ରାପଡ଼ା ଜିଲ୍ଲାର ନୌବାଣିଜ୍ୟ ପରମ୍ପରାର ସ୍ୱର୍ଣ୍ଣିମ ଇତିହାସ ରହିଛି । ସନ୍ତୁଳିତ ପରିବେଶ ମଧ୍ୟରେ ପର୍ଯ୍ୟଟନ ବିକାଶ ପାଇଁ ସମ୍ପ୍ରତି ବନ୍ଦ ଥିବା ବିଶ୍ୱ ପ୍ରସିଦ୍ଧ ଭିତରକନିକା ମହୋତ୍ସବ ଓ ଇକୋ ରିଟ୍ରିଟ ସରକାର ଆରମ୍ଭ କରିବାକୁ ବିଧାୟକ ଦାବି କରିବା ସହିତ କେନ୍ଦ୍ରାପଡ଼ା ଜିଲ୍ଲା ଓ ପଟ୍ଟାମୁଣ୍ଡାଇ ରାଜନଗର ବିକାଶ ଧାରାକୁ ତ୍ୱରାନ୍ୱିତ କରିବାକୁ ଦାବି କରିଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ଅଂଚଳର କଳା ସଂସ୍କୃତି ସାହିତ୍ୟ କୃଷି ଓ ପର୍ଯ୍ୟଟନ ବିକାଶ ପାଇଁ ପଟ୍ଟାମୁଣ୍ଡାଇ ବୋଇତବନ୍ଦାଣ ସହ ବାଲିଯାତ୍ରା ଉତ୍ସବ ୭ଦିନିଆ କରିବାକୁ ଆସିଥିବା ପ୍ରସ୍ତାବ ରାଜ୍ୟ ସରକାରଙ୍କ ଠାରେ ଉପସ୍ଥାପନ କରି ବିଶେଷ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପଟ୍ଟାମୁଣ୍ଡାଇ ବୋଇତ ବନ୍ଦାଣ ଓ ବାଲିଯାତ୍ରା ଉତ୍ସବ ପାଇଁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଡ଼ଭୋକେଟ ପ୍ରମୋଦ ସାହୁ ସ୍ୱାଗତଭାଷଣ ଓ ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ବେଦ ପାଠ କରିଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ଶିକ୍ଷାବିତ ରାଜକୁମାର ବିଶ୍ୱାଳ, କବି ସଚିତ୍ର ବେହୁରା, ପରିବେଶବିତ ବିଜୟ କବି କବୟିତ୍ରୀ ଆରାଧନା ଦାଶ ପ୍ରାକ୍ତନ ବି ଇ ଓ ପାବନୀ ରାଉତ ଶିକ୍ଷୟତ୍ରୀ ସଂଘମିତ୍ରା ବିଶ୍ୱାଳ ଅନିତା ଧଳ ଜ୍ୟୋତି ପ୍ରକାଶ ପ୍ରଧାନ ବିଶ୍ୱ ରଞ୍ଜନ ଦାଶ ଓ ସୁରେନ୍ଦ୍ର ମଲିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଶେଷରେ ନବ କିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ । ଏଇ ଅବସରରେ ଆୟୋଜିତ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ କୃପାସିନ୍ଧୁ ନାୟକ, ଆଡ଼ଭୋକେଟ ପ୍ରମୋଦ ସାହୁ,ଆରାଧନା ଦାଶ, ଶରତ ବିଶ୍ୱାଳ ଓ ନରେଶ ଜେନା ପରିଚାଳନା କରିଥିଲେ । ଏଇ ଅବସରରେ ଅତିଥିମାନେ ବୋଇତ ବନ୍ଦାଣ ଉତ୍ସବ ସ୍ମରଣିକା ଉପତ୍ୟକା ଉନ୍ମୋଚନ କରିବା ସହିତ ସଂସ୍କୃତିପ୍ରେମୀ ବିପିନ ବିହାରୀ ପରିଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭା ପରେ ବିଧାୟକ ପୌର ଅଧ୍ୟକ୍ଷଙ୍କ ସମେତ ସମସ୍ତ ଅତିଥି ସାଧବ ପୁଅ ଓ ବୋହୂ ସହିତ ବ୍ରାହ୍ମଣୀ ନଦୀ ମଧ୍ୟରେ ସୁସଜ୍ଜିତ ନୌକାରେ ଯାଇ ବୋଇତ ବନ୍ଦାଣ କରିଥିଲେ ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ୧୦ହଜାର ଲୋକ ଯୋଗ ଦେଇଥିଲେ।

ବାଲିଯାତ୍ରାରେ ଟିପିସିଓଡିଏଲ୍ ଷ୍ଟଲ୍ ଉଦ୍‌ଘାଟିତ

ସୌର ଶକ୍ତି ଓ ଡିଜିଟାଲ ସେବା ନେଇ ସଚେତନତା



କଟକ,୨୫।୧୧: ଐତିହାସିକ କଟକ ବାଲିଯାତ୍ରାର ଶୁଭାରମ୍ଭ ସହ ଟିପିସିଓଡିଏଲ୍ ପକ୍ଷରୁ ଏକ ସ୍ୱତନ୍ତ୍ର ସଚେତନତା ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି ଆସନ୍ତା ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଷ୍ଟଲ୍ ମାଧ୍ୟମରେ ଜନସାଧାରଣଙ୍କୁ ନବୀକରଣୀୟ ଶକ୍ତି ଓ ଡିଜିଟାଲଲ୍ ସେବା ସମ୍ପର୍କରେ ସଚେତନ କରାଯାଉଛି। ଏହି ଷ୍ଟଲ୍‌ରେ ମୁଖ୍ୟତଃ ସ୍ନଫିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନାର ରୁଫ୍‌ଟପ୍ ସୋଲାର୍ ଏବଂ ୟୁଟିଲିଟି–ଲେଡ୍ ଏଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ୍‌କୁ ପ୍ରଦର୍ଶିତ କରାଯାଇଛି । ଉପଭୋକ୍ତାମାନେ କିଭଳି ସହଜରେ ନିଜ ଘର ଛାତ ଉପରେ ରୁଫ୍‌ଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରିପାରିବେ, ସେ ନେଇ କମ୍ପାନୀ ପ୍ରତିନିଧିମାନେ ପରିଦର୍ଶକଙ୍କୁ ମାର୍ଗଦର୍ଶନ କରୁଛନ୍ତି । ସୌର ଶକ୍ତିର ଆର୍ଥିକ ଓ ପରିବେଶଗତ ଲାଭ ବିଷୟରେ ବୁଝାଇବା ସହ ଅନଲାଇନ୍ ରେଜିଷ୍ଟ୍ରେସନ୍ ଏବଂ ସିଧାସଳଖ କ୍ୟାମ୍ପରେ ଆବେଦନ କରିବାର ସୁବିଧା ମଧ ଉପଲବ୍ଧ କରାଯାଇଛି। ସୌର ଶକ୍ତି ବ୍ୟତୀତ ଡିଜିଟାଲ ପେମେଣ୍ଟ, ସେଲଫ୍ ମିଟର୍ ରିଡିଙ୍ଗ ଇ–ବିଲ୍ ବ୍ୟବହାର, ମାଇଁ ଟାଟା ପାୱାର ପ୍ଲସ୍ ଆପ୍‌ର ଉପଯୋଗିତା ଏବଂ ବିଦ୍ୟୁତ୍ ଚୋରି (ପାୱାର ଥେପ୍ଟ) ରୋକିବା ଦିଗରେ ମଧ ଲୋକଙ୍କୁ ସଚେତନ କରାଯାଉଛି । ଏହା ସହିତ ୧୩୦ ଏକର ବିସ୍ତୃତ ବାଲିଯାତ୍ରା ପଡ଼ିଆରେ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ଓ ଭରସାଯୋଗ୍ୟ ଓ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଟିପିସିଓଡିଏଲର ବିଭିନ୍ନ ବିଭାଗର ମୁଖ୍ୟ, ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

ପଟ୍ଟାମୁଣ୍ଡାଇରେ ବିପୁଳ ଆନନ୍ଦ ଉଲ୍ଲାସରେ କାର୍ତ୍ତିକ ପୂର୍ଣ୍ଣିମା

ପଟ୍ଟାମୁଣ୍ଡାଇ,୨୫।୧୧(ଆନିସ): ଓଡ଼ିଆ ପରମ୍ପରାର ମହାନ ଉତ୍ସବ କାର୍ତିକ ପୁର୍ଣିମା ପଟ୍ଟାମୁଣ୍ଡାଇ ଅଂଚଳର ବିଭିନ୍ନ ଦେବାଦେବୀ ପୀଠରେ ସମାରୋହରେ ପାଳିତ ହୋଇଯାଇଛି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ପ୍ରସିଦ୍ଧ ଶୈବ ପୀଠ ପୋଖରୀଆପଡା ହର ପାର୍ବତୀ ମନ୍ଦିରରେ କାର୍ତ୍ତିକ ପୁର୍ଣିମା ସମାରୋହରେ ପାଳିତ ହୋଇଯାଇଛି । ପ୍ରତ୍ୟୁଷର ମୁଖ୍ୟ ପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀଙ୍କ ନେତୃତ୍ୱରେ ପୂଜକ ପ୍ରଭୁ ହରପାର୍ବତୀ ଓ ମନ୍ଦିର ପରିସରରେ ଥିବା ସମସ୍ତ ଦେବାଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ସକାଳ ଠାରୁ ରାତି ପର୍ଯ୍ୟନ୍ତ ପ୍ରଭୁ ହରପାର୍ବତୀଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁ ମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ପଟ୍ଟାମୁଣ୍ଡାଇ ଅଂଚଳର ଅନ୍ୟତମ ଆଧ୍ୟାତ୍ମିକ ପୀଠ ରାଧା ରମଣ ମଠ ଠାରେ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ରାଧାରମଣ, ଗୋପେଶ୍ୱର ମହାଦେବ ପ୍ରଭୁ ଶ୍ରୀ ଜଗନ୍ନାଥ ପ୍ରଭୁ ବଳଭଦ୍ର ମା ସୁଭଦ୍ରାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶହ ଶହ ଶ୍ରଦ୍ଧାଳୁ ଭକ୍ତ ପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ପ୍ରସାଦ ସେବନ କରିଥିଲେ। ପୋଖରୀଆପଡା ପତିତପାବନ ପାବନ ମନ୍ଦିରରେ କାର୍ତ୍ତିକ ପୁର୍ଣିମା ପାଳିତ ହୋଇଯାଇଛି । କଷଣଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିରରେ କାର୍ତ୍ତିକ ପୁର୍ଣିମା ସମାରୋହରେ ପାଳିତ ହୋଇଯାଇଛି । ପ୍ରତ୍ୟୁଷର ପ୍ରଭୁ ଲକ୍ଷେଶ୍ୱର ମହାଦେବଙ୍କ ପୂଜାର୍ଚନା ପରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତମାନେ ପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଏହାଛଡା ବେଲତଳ ଭୋଳିବାବା ମଠ ବାଲିପଡ଼ା ମହାଦେବ ମନ୍ଦିର ସମେତ ପୌରାଞ୍ଚଳର ବିଭିନ୍ନ ଦେବାଦୋ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ଉତିକଣ ଅଂଚଳର ପ୍ରସିଦ୍ଧ ଶୈବ ପୀଠ ଚନ୍ଦନ ନଗର ଚନ୍ଦ୍ରମଉଳି ପୀଠରେ କାର୍ତ୍ତିକ ପୁର୍ଣିମା ସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷର ମନ୍ଦିର ପୂଜକ ମାନେ ରୀତିନୀତି ଅନୁଯାୟୀ ପ୍ରଭୁ ଚନ୍ଦ୍ରମଉଳିଙ୍କ ଯଥାବିଧି ପୂଜାର୍ଚନା କରିଥିଲେ ହଜାର ହଜାର ଶ୍ରଦ୍ଧାଳୁ ମାନେ ସକାଳ ଠାରୁ ରାତି ପର୍ଯ୍ୟନ୍ତ ପ୍ରଭୁଙ୍କ ଦର୍ଶନ କରିଥିଲେ । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳର ପ୍ରସିଦ୍ଧ ଶୈବ ପୀଠ ହୋଇଥିବାରୁ ପ୍ରଭୁଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଶ୍ରଦ୍ଧାଳୁ ମାନେ ଧାଡିରେ ଯାଇ ପ୍ରଭୁଙ୍କ ଦର୍ଶନ କରି ପାଦୁକ ପାଇଥିଲେ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଓ ବ୍ଲକର ବିଭିନ୍ନ ଅଂଚଳରେ ଥିବା ଦେବାଦେବୀ ମନ୍ଦିରରେ ଶାନ୍ତି ଶୃଙ୍ଖଳାର ସହିତ ଭକ୍ତିମୟ ପରିବେଶ ମଧ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଯାଇଛି।

ବ୍ରାହ୍ମଣ ସମାଜର ଆଧ୍ୟାତ୍ମିକ ପ୍ରବଚନ



ଗୁଣପୁର,୨୫।୧୧(ଆନିସ): ପବିତ୍ର କାର୍ତ୍ତିକ ମାସ ଉପଲକ୍ଷେ ଗୁଣପୁର ବ୍ରାହ୍ମଣ ସମାଜ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଭେଙ୍କଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ପୁରୀ ଗୋବର୍ଦ୍ଧନ ମଠ ଆଦିତ୍ୟ ବାହିନୀର ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଓ ତାଙ୍କ ସହଯୋଗୀମାନେ ପ୍ରବଚନ ପ୍ରଦାନ କରିଥିଲେ। ଏହା ସହ ଭଜନ କୀର୍ତ୍ତନ ଓ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲ। ଏହି କାର୍ଯ୍ୟକ୍ରମ ରେ ଅତିଥି ପରିଚୟ ଉମାଦାଶ, ସ୍ୱାଗତ ଆଭିମୁଖ୍ୟ ପ୍ରଦାନ ନଗର ସଭାପତି ପ୍ରଶାନ୍ତ ମିଶ୍ର, ଧନ୍ୟବାଦ ଅର୍ପଣ ଡ଼ ପ୍ରଶାନ୍ତ ହୋତା କରିଥିବା ବେଳେ ସମ୍ବର୍ଧନ କାର୍ଯ୍ୟକ୍ରମ ରେ ପୌର ଉପାଧକ୍ଷ ଶିବ ଗୌଡ଼, ରାମନାଗୁଡ଼ା ତହସିଲଦାର ପ୍ରାଣ କୃଷ୍ଣ ପାଣିଗ୍ରାହୀ, ଉପସଭାପତି ଡ଼ ଚନ୍ଦ୍ର ଧ୍ୱଜ ପଣ୍ଡା,ସମାଜସେବୀ ରାମ ପଣ୍ଡା, ଗଜା ପାଳ, ରଂଜିତ ପାଢ଼ୀ, ଅଜିତ ପାଣ୍ଡା, ପ୍ରଦୀପ ପାଢ଼ୀ, ଚାରିବାଳା ସତପଥୀ, ଅମ୍ବିକା ମହାପାତ୍ର, ସୂର୍ଯ୍ୟ ରଥ, ସହଦେ ରଥ, କୃଷ୍ଣ ମିଶ୍ର, କୈଳାଷ ମିଶ୍ର, ଗୋପୀ ଦାଶ, ପାଞ୍ଚନନ ପଣ୍ଡା, ତ୍ରିପତି ପାଣ୍ଡା, ତ୍ରିପତି ରଥ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରୀରାମକୃଷ୍ଣ ସେବାଶ୍ରମର ୪୮ତମ ବାର୍ଷିକୋତ୍ସବ



ଖୋର୍ଦ୍ଧା,୨୫।୧୧(ଆନିସ

ଦଦରା ଯନ୍ତ୍ରରେ ଚାଲିଛି ରୋଗ ନିରୂପଣ, ଅବ୍ୟବସ୍ଥାରେ ଶିଶୁ ଭବନ



କଟକ,୨୫।୧୧: ଦୀର୍ଘ ୨୦ ବର୍ଷ ତଳର ଏକ୍ସରେ ମେସିନ୍ରେ କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁ ଚିକିତ୍ସା ପ୍ରତିଷ୍ଠାନ ଯଥା ଶିଶୁ ଭବନରେ ରୋଗୀଙ୍କର ଫଟୋ ଉଠୁଛି ବା (ଏକ୍ସରେ ହେଉଛି । ଡିଜିଟାଲ୍ ଦୁନିଆରେ ଡିଜିଟାଲ ଏକ୍ସରେ ସୁବିଧା ନାହିଁ । ଫଳରେ ଏହି ସ୍ୱାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନରେ ମାନ୍ୟୁଆଲ ପଦ୍ଧତିରେ ରୋଗୀଙ୍କର ଏକ୍ସରେ ଚାଲିଛି । ଅସ୍ଥିଶଲ୍ୟ ଜନିତ ସମସ୍ୟା ହେଉ କିମ୍ବା ଅନ୍ୟ ରୋଗ ନିରୂପଣ ପାଇଁ ଏବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠୁ ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲରେ ଡିଜିଟାଲ୍ ଏକ୍ସରେ ସୁବିଧା ରହିଥିବା ବେଳେ ଜାତୀୟ ସ୍ତରରେ ନାଁ ଯୋଡ଼ି ଥିବା ଏହି ସ୍ୱାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନରେ ପୁରୁଣା ଯୁଗରେ ଯେପରି ରୋଗୀଙ୍କର ଏକ୍ସରେ ହେଉଥିଲା, ଏବେ ତାହା ଏଠାରେ ଚାଲିଛି ।

ଏହାକୁ ନେଇ ହସ୍ପିଟାଲର ବିଭାଗୀୟ ବିଶେଷଜ୍ଞମାନେ ଅସନ୍ତୋଷ ପ୍ରକାଶ କରୁଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡିଜିଟାଲ୍ ଏକ୍ସରେ ଯୋଗାଣ ଦିଗରେ କୌଣସି ପଦକ୍ଷେପ ନାହିଁ । ରୋଗୀଙ୍କର ଏକ୍ସରେ ପରେ ଫିଲ୍ମକୁ କେମିକାଲ୍ ଯୋଗେ ଅନ୍ଧାର ଘରେ ଧୋଇ ତାହାକୁ ପଙ୍ଖାରେ ଘଣ୍ଟାଏ ଶୁଖାଇ ରୋଗୀଙ୍କୁ ଫଟୋ ଦେଲା ବେଳକୁ ଦୁଇ ଘଣ୍ଟା ସମୟ ଲାଗୁଛି । ରଞ୍ଜନରଶ୍ମୀ ଜନିତ ରୋଗ ନିରୂପଣ(ରେଡିଓଲୋଜି ଡାଇଗ୍ନୋସିସ୍) କ୍ଷେତ୍ରରେ ଶିଶୁ ଭବନରେ ଏପରି ଅଜବ ବ୍ୟବସ୍ଥା ଅନେକଙ୍କୁ ତାଜୁବ୍ କରିଛି । ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଚିକିତ୍ସା ବିଜ୍ଞାନରେ ପ୍ରତିଦିନ ନୂଆ ଗବେଷଣା ହେଉଛି । ନୂଆ ଅତ୍ୟାଧୁନିକ ଉପକରଣରେ ପରୀକ୍ଷା ନିରୀକ୍ଷା କରାଯାଇ ରୋଗ ନିରୂପଣ ହେଉଛି । ତେବେ ବିଡ଼ମ୍ବନାର ବିଷୟ ହେଉଛି, ଶିଶୁ ରୋଗ ଚିକିତ୍ସା କ୍ଷେତ୍ରରେ ଶିଶୁ ଭବନ ନିଦାନ ବ୍ୟବସ୍ଥାରେ ବହୁ ପଛରେ ପଡ଼ିଛି । ଏଠାରେ ୨୪ ଘଣ୍ଟିଆ ପରୀକ୍ଷା ସୁବିଧା ନାହିଁ । ଅପରାହ୍ନ ୪ଟା ପରେ ସବୁ ପରୀକ୍ଷା ବନ୍ଦ । ନିଦାନ କାଉଣ୍ଟରରେ ତାଲା ପଡ଼ୁଛି । ଜଣେ ଶିଶୁ ରୋଗୀଟିଏ ଯେତେ ଗୁରୁତର ହୋଇଥାଉ ପଛେ ଜରୁରୀ ଚିକିତ୍ସା ଲାଗି ଏକ୍ସରେ ହେଉ କିମ୍ବା ଅଲଟ୍ରାସାଉଣ୍ଡ, ସିଟି ସ୍କାନ୍ ସହ ଅନ୍ୟ ପରୀକ୍ଷା ପାଇଁ ସୁଯୋଗ ନାହିଁ ।

ସେହିପରି ସିଟି ସ୍କାନ୍ ମେସିନ୍ ଥିଲେ ହେଁ ତାହାକୁ ଚଳାଇବା ପାଇଁ ରେଡିଓଗ୍ରାଫର ନାହାନ୍ତି । ଏପରିସ୍ଥଳେ ଶିଶୁ ଭବନ କର୍ତ୍ତୃପକ୍ଷ ଏସ୍ସିବି ମେଡିକାଲ ଓ ସିଟି ହସ୍ପିଟାଲରୁ କହିବୋଲି ଆଣି କାମ ଚଳା ଭାବେ ଜଣେ ଲେଖାଏଁ ରେଡିଓଗ୍ରାଫର ଆଣି ଏଠାରେ ନିୟୋଜିତ କରାଇଛନ୍ତି । ୮ ଜଣ ରେଡିଓ ଗ୍ରାଫର ଦେବେ ବୋଲି ସରକାରୀ ସ୍ତରରେ ବର୍ଷକ ତଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲେ ଜଣେ ହେଲେ ବି ରେଡିଓଗ୍ରାଫର ନିଯୁକ୍ତି ଦିଆଯାଇନାହିଁ ।

ସେହିପରି ଏମ୍ଆର୍ଆଇ ସୁବିଧା ମଧ୍ୟ ଉକ୍ତ ହସ୍ପିଟାଲରେ ନାହିଁ । ଉକ୍ତ ମେସିନ୍ ଯୋଗାଇବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଥିଲେ ହେଁ ତାହା କେବେ ଆସିବ କାହାରିକୁ ଜଣାନାହିଁ । ସେହିପରି ଏହି ହସ୍ପିଟାଲରେ ୟୁରିନ୍ ଆନାଲାଇଜର ମେସିନ୍ ଦୀର୍ଘ ଦିନ ହେଲା ଖରାପ ହୋଇପଡ଼ିଛି । ପିଲାଙ୍କୁ ଜ୍ୱର ହେଉ କମ୍ବା ଅନ୍ୟାନ୍ୟ ରୋଗ ସମସ୍ୟା ହେଲେ ପରିସ୍ରା ପରୀକ୍ଷା କରାଇବା ପାଇଁ ଡାକ୍ତର ଅଧିକାଂଶ ସମୟରେ ପରାମର୍ଶ ଦେଇଥାନ୍ତି । ପରିସ୍ରାର ରୁଟିନ୍ ମାଇକ୍ରୋସ୍କୋପି କିମ୍ବା କଲଚର ହେଉ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହୋଇଥିଲେ ହେଁ ମେସ୍ନି ଖରାପ ଯୋଗୁଁ ଶିଶୁ ରୋଗୀଙ୍କ ରୋଗ ନିରୂପଣରେ ସମସ୍ୟା ହେଉଛି ।

ଲିଙ୍ଗଭିତ୍ତିକ ହିଂସା ବିରୋଧରେ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ



ସମ୍ବଲପୁର, ୨୫।୧୧(ଆନିସ): ଲିଙ୍ଗଭିତ୍ତିକ ହିଂସା ବିରୋଧରେ ୧୬ ଦିନିଆ ସକ୍ରିୟତା ଅଭିଯାନ ପାଳନ ଅବସରରେ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଆଜି ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସରୋଜା ବେହେରା ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିବା ସହ ୧୬ ଦିନିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଅବଗତ କରାଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସମ୍ବଲପୁର ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସମସ୍ତ ଅଂଶଗ୍ରହଣକାରୀ ''ମହିଳାଙ୍କୁ ହିଂସା କରୁଥିବା କେହି ଦଣ୍ଡରୁ ବଞ୍ଚିତ ହେବେ ନାହିଁ'' ବୋଲି ଶପଥ ଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମ ଅଧିକାରୀ ଜିଲ୍ଲା ପ୍ରୋଟେକ୍ସନ ଅଫିସର, ରେଡ଼ାଖୋଲର ଉପଖଣ୍ଡ ପ୍ରୋଟେକ୍ସନ ଅଫିସର, ଡିପିସି ମିଶନ ଶକ୍ତି, ଡିଏଚ୍ଇଡବ୍ଲ୍ୟୁ କର୍ମଚାରୀ, ଡିସି ଏଡ୍ ଏଟ୍ ଆକ୍ସନ, ସମ୍ବଲପୁର ଓ କୁଚିଣ୍ଡାର ଓଏସ୍ସି କର୍ମଚାରୀ, ସମ୍ବଲପୁର ସହରାଞ୍ଚଳ ଓ ଧନକଉଡ଼ାର ଏଲ୍ଏସ୍ ଏବଂ ଅଙ୍ଗନବାଡ଼ି କର୍ମୀ, ଆଡ୍ଭିକା ସଦସ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ପାରା ଲିଗାଲ୍ ଭଲଣ୍ଟିର୍ୟ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ କଚେରୀ ରୋଡ୍ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ଶେଷରେ ସରିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

୫୧ତମ ଆନ୍ତର୍ଜାତୀୟ ଗୁଣବତ୍ତା ସମ୍ମିଳନୀରେ ଟିପିଡବ୍ଲ୍ୟୁଓଡିଏଲକୁ ୧୦ଟି ସ୍ୱର୍ଣ୍ଣ ପୁରସ୍କାର

କମ୍ପାନୀର ସମସ୍ତ ୧୦ଟି ମନୋନୀତ ଟିମ୍କୁ ସ୍ୱର୍ଣ୍ଣ ପୁରସ୍କାର କର୍ମଚାରୀଙ୍କ ଉଦ୍ୟମ, ନୂତନ ଚିନ୍ତାଧାରା ଓ ଗୁଣବତ୍ତାରେ ନିରନ୍ତର ଉନ୍ନତି ପ୍ରତି ପ୍ରତିବଦ୍ଧତାକୁ ଆନ୍ତର୍ଜାତିକ ସ୍ୱୀକୃତି

ବ୍ରୁର୍ଲା, ୨୫।୧୧: ଗୁଣବତ୍ତା, ନବସୃଜନ ଓ ନିରନ୍ତର ଉନ୍ନତି କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ସଫଳତା ପ୍ରତିପାଦନ କରି ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ୫୧ତମ ଆନ୍ତର୍ଜାତୀୟ ଗୁଣବତ୍ତା ସମ୍ମିଳନୀ ଇଣ୍ଟରନ୍ୟାସନାଲ୍ କନଭେନସନ୍ ଅନ୍ କ୍ୱାଲିଟି କଣ୍ଟ୍ରୋଲ୍ ସର୍କଲ୍ସ (ଆଇସିକ୍ୟୁସିସି) ୨୦୨୬ରେ ୧୦ଟି ସ୍ୱର୍ଣ୍ଣ ପୁରସ୍କାର ହାସଲ କରିଛି । କମ୍ପାନୀ ପକ୍ଷରୁ ମନୋନୀତ ସମସ୍ତ ୧୦ଟି ଟିମ୍ ନିଜ ନିଜର ଗୁଣବତ୍ତା ଉନ୍ନତିମୂଳକ ପ୍ରକଳ୍ପ ପାଇଁ ସ୍ୱର୍ଣ୍ଣ ପୁରସ୍କାର ହାସଲ କରିଛନ୍ତି । ନଭେମ୍ବର ୧୯ ଓ ୨୦ ତାରିଖରେ ବାଂଲାଦେଶରେ ଆୟୋଜିତ ଏହି ସମ୍ମିଳନୀରେ ୧୪ଟି ସଦସ୍ୟ ଦେଶର ପ୍ରତିନିଧିମାନେ ଯୋଗଦେଇ ଦଳଗତ କାର୍ଯ୍ୟ, ନବସୃଜନ ଓ କାର୍ଯ୍ୟକ୍ଷେତ୍ରରେ ନିରନ୍ତର ଉନ୍ନତି ସମ୍ପର୍କିତ ଅଭିଜ୍ଞତା ଓ ଶ୍ରେଷ୍ଠ ପଦ୍ଧତି ଆଦାନପ୍ରଦାନ କରିଥିଲେ ।ଏହି ସଫଳତା ଟିପିଡବ୍ଲ୍ୟୁଓଡିଏଲର ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ଦକ୍ଷତା ଓ ସାମୂହିକ ଉଦ୍ୟମକୁ ପ୍ରତିଫଳିତ କରୁଛି । କାର୍ଯ୍ୟକ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ସହ ତାହାର ସରଳ ଓ ବ୍ୟବହାରିକ ସମାଧାନ ବାହାର କରିବା ଦିଗରେ ଏହି ଟିମ୍ଗୁଡ଼ିକ ଉଲ୍ଲେଖନୀୟ ପ୍ରୟାସ କରିଛନ୍ତି । କର୍ମଚାରୀଙ୍କ ନୂତନ ଚିନ୍ତାଧାରାକୁ ଉତ୍ସାହିତ କରିବା, କାର୍ଯ୍ୟପ୍ରଣାଳୀରେ ଉନ୍ନତି ଆଣିବା ଏବଂ ଗ୍ରାହକ ସେବାକୁ ଅଧିକ ଦକ୍ଷ ଓ ସୁଦୃଢ଼ କରିବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି ।

ସର୍କଲ୍ କନଭେନ୍ସନ୍ ଅନ୍ କ୍ୱାଲିଟି ସର୍କଲ୍ସ ଏବଂ ନ୍ୟାସନାଲ୍ କନଭେନ୍ସନ୍ ଅନ୍ କ୍ୱାଲିଟି ସର୍କଲ୍ସରେ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ ପରେ ଏହି ୧୦ଟି ଟିମ୍କୁ ଆନ୍ତର୍ଜାତିକ ସମ୍ମିଳନୀରେ ଟିପିଡବ୍ଲ୍ୟୁଓଡିଏଲର ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ କରାଯାଇଥିଲା । ଆଇସିକ୍ୟୁସିସି ୨୦୨୬ରେ ଟିମ୍ଗୁଡ଼ିକ ଗୁଣବତ୍ତା ନିୟନ୍ତ୍ରଣ ଏବଂ କାଇଜେନ୍ – ଏହି ଦୁଇଟି ବର୍ଗରେ ନିଜର ପ୍ରକଳ୍ପ ଉପସ୍ଥାପନ କରିଥିଲେ।

କ୍ୟୁସି ବର୍ଗରେ ପୁରସ୍କାର ପାଇଥିବା ଚାରୋଟି ଦଳ ହେଲେ– ଟେକ୍ନୋଲୋଜି ଆଣ୍ଡ ଆରଇ ବିଭାଗରୁ ଅନ୍ୱୀକ୍ଷଣ, କମର୍ସିଆଲ୍ ବିଭାଗରୁ ମିଟର ମନ୍ଥନ ଓ ପ୍ରୋଜେକ୍ଟ ଗ୍ରୀନ୍ ବିଲ୍ ଏବଂ ଅପରେସନ୍ ସର୍ଭିସେସ୍ ବିଭାଗରୁ ଆଇଡିଆଭା । ସେହିପରି, କାଇଜେନ୍ ବର୍ଗରେ ଥିବା ଛଅଟି ଦଳ ହେଲେ – ଡିଏସ୍ଏସ୍ ବିଭାଗରୁ ସମ୍ପର୍କ ଓ ଧ୍ରୁବ, ଟେକ୍ନିକାଲ୍ ସର୍ଭିସେସ୍ ଆଣ୍ଡ ଅପରେସନ୍ସ ବିଭାଗରୁ ବ୍ରେନ୍ଓ୍ୱେଭ୍, ଟେକ୍ନୋଲୋଜି ଆଣ୍ଡ ଆରଇ ବିଭାଗରୁ ଟିମ୍ ରିଭାଇଭର୍ସ ଓ ଇନ୍ଭିନ୍ସିବଲ୍ସ, ଏବଂ କମର୍ସିଆଲ୍ ବିଭାଗରୁ ରେଭିନ୍ୟୁ ରାର୍ତା ।

ଏହି ସଫଳତା ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, ''ଆନ୍ତର୍ଜାତିକ ସ୍ତରରେ ୧୦ଟି ସ୍ୱର୍ଣ୍ଣ ପୁରସ୍କାର ହାସଲ କରିବା ଟିପିଡବ୍ଲ୍ୟୁଓଡିଏଲ ପାଇଁ ଏକ ଗର୍ବର ମୁହୂର୍ତ୍ତ । ଏହି ସ୍ୱୀକୃତି ଆମ କର୍ମଚାରୀଙ୍କ ଉଦ୍ୟମ, ସୃଜନଶୀଳତା ଓ ସମସ୍ୟାର ସମାଧାନ ପାଇଁ ଥିବା ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି । କାର୍ଯ୍ୟପ୍ରଣାଳୀରେ ନିରନ୍ତର ଉନ୍ନତି ଆଣିବା ପାଇଁ ସେମାନେ ସବୁବେଳେ ଉଦ୍ୟମ କରୁଛନ୍ତି। ଆମର ବିଶ୍ୱାସ ଯେ, ସଂଗଠନର ପ୍ରତ୍ୟେକ ସ୍ତରରେ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ ଓ ଛୋଟ ଛୋଟ ଉନ୍ନତିମୂଳକ ପଦକ୍ଷେପ ହିଁ ଗୁଣବତ୍ତାର ଏକ ସୁଦୃଢ଼ ସଂସ୍କୃତି ଗଢ଼ିତୋଳେ। ଏହି ଉଲ୍ଲେଖନୀୟ ସଫଳତା ପାଇଁ ସମସ୍ତ ୧୦ଟି ଟିମ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।''ଏହା ପୂର୍ବରୁ ୨୦୨୬ରେ ଆୟୋଜିତ ସର୍କଲ୍ କନଭେନ୍ସନ୍ ଅନ୍ କ୍ୱାଲିଟି ସର୍କଲ୍ସରେ ମଧ୍ୟ ଟିପିଡବ୍ଲ୍ୟୁଓଡିଏଲ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା । ସେଠାରେ କମ୍ପାନୀର ସମସ୍ତ ୨୬ଟି ଅଂଶଗ୍ରହଣକାରୀ ଟିମ୍ ପୁରସ୍କୃତ ହୋଇଥିବାବେଳେ ୨୧ଟି ସ୍ୱର୍ଣ୍ଣ ଓ ୫ଟି ରୌପ୍ୟ ପୁରସ୍କାର ମିଳିଥିଲା । ଏହା ସହିତ ରାଉରକେଲାରେ ଆୟୋଜିତ ସିସିକ୍ୟୁସିର କାଇଜେନ୍ ବର୍ଗରେ ଟିମ୍ ଅର୍ଥସିଦ୍ଧି ପ୍ରତିଷ୍ଠିତ ଜେ.କେ. ଦାଶ ରୋଲିଂ ଟ୍ରଫି – ସ୍ୱର୍ଣ୍ଣ ପୁରସ୍କାର ଜିତିବା ସହ ମୋଟ ୨୨ଟି ଦଳ ମଧ୍ୟରୁ ଦ୍ୱିତୀୟ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିଲା ।ବାଂଲାଦେଶ ସୋସାଇଟି ଫର୍ ଟୋଟାଲ୍ କ୍ୱାଲିଟି ମ୍ୟାନେଜମେଣ୍ଟ ପକ୍ଷରୁ ଆୟୋଜିତ ୫୧ତମ ଆଇସିକ୍ୟୁସିସିରେ ୧୪ଟି ସଦସ୍ୟ ଦେଶର ବିଭିନ୍ନ ସଂଗଠନ ଯୋଗଦେଇ ଗୁଣବତ୍ତା ପରିଚାଳନା ଓ ନିରନ୍ତର ଉନ୍ନତି କ୍ଷେତ୍ରରେ ନିଜ ନିଜର ଅଭିଜ୍ଞତା ଓ ଶ୍ରେଷ୍ଠ ପଦ୍ଧତି ଆଦାନପ୍ରଦାନ କରିଥିଲେ ।

ଟିପିଡବ୍ଲ୍ୟୁଓଡିଏଲ୍ ସମ୍ବନ୍ଧରେ: ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ହେଉଛି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଯୌଥ ଉଦ୍ୟୋଗ, ଯେଉଁଥିରେ ଉଭୟଙ୍କ ଅଂଶଧନ ଯଥାକ୍ରମେ ୫୧:୪୯ । ଟିପିଡବ୍ଲ୍ୟୁଓଡିଏଲ୍ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ ବିତରଣ ଏବଂ ଖୁଚୁରା ଯୋଗାଣ ଦାୟିତ୍ୱରେ ୯ଟି ଜିଲ୍ଲା ଏବଂ ପ୍ରାୟ ୪୮,୦୦୦ ବର୍ଗ କିଲୋମିଟର ବିତରଣ କ୍ଷେତ୍ରରେ ୨୨ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଅଛି । କମ୍ପାନୀ ନିର୍ଭରଯୋଗ୍ୟ, ସୁରକ୍ଷିତ ଏବଂ ଗ୍ରାହକ-କେନ୍ଦ୍ରିକ ବିଦ୍ୟୁତ ସେବା ପ୍ରଦାନ ସହିତ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା, ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ ବିକାଶ ଏବଂ ସମ୍ପ୍ରଦାୟ ବିକାଶ ପଦକ୍ଷେପକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ । ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରାହକ ସେବାରେ ନିରନ୍ତର ନିବେଶ ମାଧ୍ୟମରେ, ଟିପିଡବ୍ଲ୍ୟୁଓଡିଏଲ୍ ପଶ୍ଚିମ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହିତ ଏହି ଅଞ୍ଚଳର ଶକ୍ତି ରୂପାନ୍ତରଣ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି ।

ବର୍ଷକୁ ୧.୨୨ ଲକ୍ଷ ଟନ୍ ମଟନ୍ ଖାଉଛନ୍ତି ଓଡ଼ିଶାବାସୀ

ଭୁବନେଶ୍ୱର, ୨୫।୧୧: ଛାଡ଼ଖାଇରେ ଆମିଷପ୍ରେମୀଙ୍କ ପାଇଁ ବଡ଼ ଖବର । ଓଡ଼ିଆଙ୍କ ଖାଦ୍ୟ ଥାଳିରେ ଖାସି ମାଂସର ରହିଛି ସ୍ୱତନ୍ତ୍ର ସ୍ଥାନ । ରାଜ୍ୟରେ ବର୍ଷକୁ ୧୨୨.୩୬ ହଜାର ମେଟ୍ରିକ୍ ଟନ୍ ଖାସି ମାଂସର ଚାହିଦା ରହିଛି । କେବଳ ଖାସି ମାଂସ ନୁହେଁ, ମାଛ ଓ କୁକୁଡ଼ା ମାଂସର ଚାହିଦା ମଧ୍ୟ ବେଶ୍ ଅଧିକ। ଛାଡ଼ଖାଇ ଅବସରରେ ବିଧାନସଭାରେ ଆସିଛି ଏଭଳି ରୋଚକ ତଥ୍ୟ । ବିଧାନସଭାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏନେଇ ଲିଖିତ ଭାବେ ଉପସ୍ଥାପନା କରିଛନ୍ତି । ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ, ଓଡ଼ିଶାରେ ପ୍ରତିବର୍ଷ ୧୨୨.୩୬ ହଜାର ମେଟ୍ରିକ୍ ଟନ୍ ମଟନ୍ ଖାଇଥାନ୍ତି ଲୋକେ । ରାଜ୍ୟରେ ମୋଟ ୬୩ ଲକ୍ଷ ୯୪ ହଜାର ଛେଳି ପାଳନ କରାଯାଉଛି । ତେବେ ଅନ୍ୟ ରାଜ୍ୟରୁ ଛେଳି ଆମଦାନୀ ହେଉନଥିବା ମଧ୍ୟ ଉଲ୍ଲେଖ ରହିଛି ।

ମନ୍ତ୍ରୀଙ୍କ ଲିଖିତ ଉତ୍ତର ଅନୁସାରେ, ରାଜ୍ୟରେ ବର୍ଷକୁ ପ୍ରାୟ ୯ ଲକ୍ଷ ୪୬ ହଜାର ମେଟ୍ରିକ୍ ଟନ୍ ମାଛ ଖାଇଥାନ୍ତି ଲୋକେ । ସେହିପରି କୁକୁଡ଼ା ମାଂସ ଉତ୍ପାଦନ ୧୬୪ ହଜାର ମେଟ୍ରିକ୍ ଟନ୍ ରହିଛି । ଅଣ୍ଡା ଉତ୍ପାଦନ ମଧ୍ୟ ୪୧ ହଜାର ୯୩ ଲକ୍ଷ ବୋଲି ତଥ୍ୟରେ ଉଲ୍ଲେଖ ରହିଛି । ଛାଡ଼ଖାଇରେ ଓଡ଼ିଶାର ଆମିଷ ଖାଦ୍ୟର ଚାହିଦାକୁ ନେଇ ଆସିଥିବା ଏହି ତଥ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଖାସି ମାଂସଠାରୁ ଆରମ୍ଭ କରି ମାଛ, କୁକୁଡ଼ା ମାଂସ ଓ ଅଣ୍ଡା ପର୍ଯ୍ୟନ୍ତ ରାଜ୍ୟରେ ଆମିଷର ଚାହିଦା କେତେ ଅଧିକ, ତାହା ବିଧାନସଭାରେ ଦିଆଯାଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି ।

ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟିନେଲେ ଦୁର୍ବୃତ୍ତ

ବୈଶିଙ୍ଗା: ପରିବାର ଲୋକେ ଘରେ ତାଲା ପକାଇ ପଞ୍ଚକ ମେଳା ବୁଲିବାକୁ ଯାଇଥିଲେ। ହେଲେ ସେମାନଙ୍କ ଅନୁପସ୍ଥିତିର ସୁଯୋଗ ନେଇ ରାତିରେ ଘରେ କଳାକନାବୁଲାଇଦେଲେ ଦୁର୍ବୃତ୍ତ। ଘର ପଛପଟ ଗ୍ରିଲ୍ର ତାଲା ଭାଙ୍ଗି ଶୋଇବା ଘରେ ଥିବା ଗଡ଼ରେଜ୍ ଖୋଲି ଲୁଟିନେଲେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାରୁପା ଅଳଙ୍କାର ସହ ନଗଦ ଟଙ୍କା। ଏପରିକି ଠାକୁରଙ୍କ ନିକଟରେ ଭେଟି ଦିଆଯାଇଥିବା ଖୁଚୁରା ପଇସାକୁ ମଧ୍ୟ ଛାଡ଼ିଲେ ନାହିଁ ଚୋର। ମୟୂରଭଞ୍ଜଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଗ୍ରାମରେ ଏଭଳି ଏକ ଚୋରି ଘଟଣା ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି।

ଘୁମୁରା ନୃତ୍ୟ:ବୀରତ୍ୱ, ସାହସ ଓ ସାଂସ୍କୃତିକ ଐତିହ୍ୟର ନିଆରା ପ୍ରତୀକ



ଭବାନୀପାଟଣା,୨୫।୧୧: ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପରିଚୟ ବେଶ୍ ସମୃଦ୍ଧ। ଏଠାକାର ପ୍ରତ୍ୟେକ ଲୋକନୃତ୍ୟ ପଛରେ ରହିଛି ଏକ ସ୍ୱତନ୍ତ୍ର ଇତିହାସ ଓ ପରମ୍ପରା। ଏହି ଲୋକକଳା ମଧ୍ୟରେ କଳାହାଣ୍ଡିର ଘୁମୁରା ନୃତ୍ୟ ଅନ୍ୟତମ। ଏହା କେବଳ ଏକ ନୃତ୍ୟ ନୁହେଁ, ବରଂ ଓଡ଼ିଶାର ବୀରତ୍ୱ, ସାହସ ଓ ସାଂସ୍କୃତିକ ଐତିହ୍ୟର ଏକ ନିଆରା ପ୍ରତୀକ।

ଘୁମୁରା ନୃତ୍ୟର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ଏହାର ବାଦ୍ୟଯନ୍ତ୍ର। ଘୁମୁରା ଏକ ଘଡ଼ି ଆକୃତିର ପାରମ୍ପରିକ ଢୋଲ, ଯାହାକୁ ନୃତ୍ୟଶିଳ୍ପୀମାନେ ଦଉଡ଼ି ସାହାଯ୍ୟରେ ଛାତିରେ ବାନ୍ଧିଥାନ୍ତି। ଏହାର ଉଭୟ ପାର୍ଶ୍ୱ ଚମଡ଼ାରେ ଆବୃତ ରହିଥାଏ

ବାହାଡ଼ାଖୋଲା ମଦଦୋକାନ ଚୋରି ଘଟଣା

ଅନ୍ୟ ଜଣେ ଅଭିଯୁକ୍ତ ଗିରଫ ପରେ ଜେଲ୍ ହାଜତକୁ ଗଲା

ଓଡ଼ଗାଁ ୨୫/୧୧: ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଖୋଲାର ଠିପି ଖୋଲା ବିଦେଶୀ ମଦ ଦୋକାନ ଚୋରି ଘଟଣାର ଅନ୍ୟ ଜଣେ ଅଭିଯୁକ୍ତକୁ



ଓଡ଼ଗାଁ ପୋଲିସ ୨୪ ତାରିଖ ମଙ୍ଗଳବାର ବିଳମ୍ବିତ ରାତି ଗିରଫ କରିଥିବା ବେଳେ ବୁଧବାର କୋର୍ଟ ଚାଲାଣ କରିଥିଲେ। ଜାମିନ ଖାରଜ ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।ତେବେ ଗିରଫ ଅଭିଯୁକ୍ତ ଜଣକ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ପୋଚରମୁଣ୍ଡି ଗ୍ରାମର ଶିଶିର ସ୍ୱାଇଁ(୨୮)। ପ୍ରକାଶ ଥାଉକି ଏହି ଚୋରି ଘଟଣାର ଅନ୍ୟ ଜଣେ ଅଭିଯୁକ୍ତ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ବୁରୁପଡ଼ା ଗ୍ରାମର ବବୁଲ ଦଳେଇ(୨୨)କୁ ଓଡ଼ଗାଁ ପୋଲିସ ଗିରଫ କରି ଗତ ୫ ତାରିଖରେ କୋର୍ଟ ଚାଲାଣ କରିଥିଲେ। ଏବଂ ତାଠାରୁ ଓଡି୨୫ପିଓ୫୩୫ ନମ୍ବର ବିଶିଷ୍ଟ ବାଇକ ସହିତ ଚୋରି ବେଳେ ବ୍ୟବହୃତ ଶାବଳ ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା। ଏହି ବବୁଲ ଦଳେଇ ଏବଂ ଶିଶିର ସ୍ୱାଇଁ ସହିତ ଏକ ୭ ଜଣିଆ ଚୋର ଦଳ ଗତ ୨୦୨୫ ମସିହା ଅକ୍ଟୋବର ୧ ତାରିଖରେ ଓଡ଼ଗାଁ ଥାନା ଓଡ଼ଗାଁ ସିନେମା ହଲ ଛକରେ ୨ଟି ଏବଂ ଏହି ଥାନାର ରୋହିବାଙ୍କ ଠାରେ ଥିବା ଅନ୍ୟ ଗୋଟିଏ ବିଦେଶୀ ମଦ ଦୋକାନରୁ ଲକ୍ଷାଧିକ ଟଙ୍କା ଏବଂ ମଦ ଲୁଟି ନେଇଥିଲେ।ସେହି ମାସ ୧୭ ତାରିଖରେ ସମସ୍ତ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା।ତେବେ ଚଳିତ ମାସ ଗତ ୧ ତାରିଖ ବିଳମ୍ବିତ ରାତି ପ୍ରାୟ ସାଢେ ୨ଟା ବେଳେ ବାହାଡ଼ାଖୋଲା ଠିପି ଖୋଲା ବିଦେଶୀ ମଦ ଦୋକାନରୁ ୪୫ ହଜାର ଟଙ୍କା ସହିତ ୨ଟି ମଦପେଟି ଚୋରି ହୋଇଥିଲା। ଅଭିଯୋଗ ଅନୁସାରେ ଓଡ଼ଗାଁ ପୋଲିସ ୪୧୯/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

କଂଗ୍ରେସ ପକ୍ଷରୁ ସନ୍ନିଧାନ ବଞ୍ଚାଅ ରାଲି

ବିନିକା, ୨୫/୧୧ (ଆନିସ) : ଓଡିଶା ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିର୍ଦେଶ ରେ ଆଜି ବିନିକା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ବିନିକା ଯୋଗେଶ୍ୱର ମନ୍ଦିର ଠାରୁ ଏକ ବାଇକ୍ ରାଲି ବାହାରି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ବିନିକା ସହର ବସଷ୍ଟାଣ୍ଡ ଛକ, ଦୁର୍ଗାମନ୍ଦିର ଛକ, ତହସିଲ ଛକ ଆଦି ପରିକ୍ରମା କରି ସୋନପୁର ଯାଇଥିଲା



ସୋନପୁର ଠାରେ ଆୟୋଜିତ ସନ୍ଧିଧାନ ବଞ୍ଚାଅ ରାଲିରେ ସାମିଲ ହୋଇଥିଲା ଏହି ବାଇକ୍ ରାଲିର ନେତୃତ୍ୱ ବ୍ଲକ କଂଗ୍ରେସ ସଭାପତି ର।ଧା।ମୋ।ହ ନ ନେଇଥିବା ବେଳେ ଏଥିରେ ବିଭିନ୍ନ ପଂଚାୟତ ଏବଂ ବିନିକା ଏନଏସିରୁ ବହୁ ବରିଷ୍ଠ ଓ ଯୁବ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଥିଲେ ବରିଷ୍ଠ କଂଗ୍ରେସ ନେତା ନରେନ୍ଦ୍ର ସାହୁ, ସନ୍ତୋଷ ପଣ୍ଡା, ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ କେଶରୀ ନାୟକ, ବିରମାହାରାଜପୁର ବିଧାୟକ ପ୍ରାର୍ଥୀ ପ୍ରଦୀପ ସେଠି,ଜିଲ୍ଲା ସମ୍ପାଦକ ବିଜୟ କୁମାର ଭୋଇ,ଭାଗିରଥି ବଗର୍ତ୍ତୀ, ରୁଷଭ ଭୁଏ,ହରିହର ଛନ୍ଦ,ବିଶ୍ୱନାଥ ହୋତା, ବିଶ୍ୱନାଥ ନେଗୀ, ନୀଳାଚଳ ବଗର୍ତ୍ତୀ, ଲଳିତ ସାହୁ, ସୁରଥ ପଧାନ,ଅମିତ ନାୟକ, ସୁଭାଷ ମହାକୁର,ଅଭି ଭୁଏ, ଗଜାନନ ତାଣ୍ଡି, ସୁମନ୍ତ ସାହୁ,ନାଗେଶ୍ୱର ବାଗ,ମାନେଶ୍ୱର ପଧାନ ସମେତ ଶତାଧିକ କର୍ମୀ ବାଇକ ରାଲିରେ ଯୋଗ ଦେଇଥିଲେ

ଆଇସିସି ଟେଷ୍ଟ ରାଙ୍କିଙ୍ଗ

ପୁଣି ୧ ନମ୍ବରର ଦ୍ୱାରଦେଶରେ ବୁମ୍ରା

ନୂଆଦିଲ୍ଲୀ, ୨୫।୧୧: ଆଇସିସି ପୁରୁଷ ଟେଷ୍ଟ ରାଙ୍କିଙ୍ଗର ସଦ୍ୟତମ ଅପଡେଟ୍ ପ୍ରକାଶ ପାଇବା ପରେ ଭାରତୀୟ କ୍ରିକେଟ୍ ମହଲାରେ ନୂଆ ଉତ୍ସାହ ଓ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୱେଲିଂଟନ ଟେଷ୍ଟ ମ୍ୟାଚ୍ ଡ୍ର ରହିବା ପରେ ଜାରି ହୋଇଥିବା ଏହି ତାଲିକାରେ ଭାରତର ସ୍ୱାର୍ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ପୁଣି ଥରେ ବିଶ୍ୱର ଏକ ନମ୍ବର ଟେଷ୍ଟ ବୋଲର ହେବାର ଦୌଡ଼ରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛନ୍ତି ଏବଂ ଭାରତୀୟ ବ୍ୟାଟରମାନେ ମଧ୍ୟ ତାଲିକାରେ ବଡ଼ ସଫଳତା ହାସଲ କରି ଦଳର ଶକ୍ତି ପ୍ରଦର୍ଶନ କରିଛନ୍ତି। ୱାର୍କ ଲୋଡ୍ ମ୍ୟାନେଜମେଣ୍ଟ ଯୋଗୁ କିଛି ସମୟ ବିଶ୍ରାମ ନେବା ଏବଂ ମ୍ୟାଚ୍ରୁ ଦୂରେଇ ରହିବା କାରଣରୁ ବୁମ୍ରା ପୂର୍ବରୁ ଶୀର୍ଷ ସ୍ଥାନରୁ ତଳକୁ ଖସି ଆସିଥିଲେ, କିନ୍ତୁ ୱେଲିଂଟନ ଟେଷ୍ଟରେ ଦମଦାର ପ୍ରତ୍ୟାବର୍ତ୍ତନ କରି ସେ ପୁଣି ନିଜର ପଡିଆରା ଜାହିର କରିଛନ୍ତି ଏବଂ ବୋଲିଂ ରାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନକୁ ଉନ୍ନତ ହୋଇ ଏକ ନମ୍ବର ଆସନ ଦଖଲ କରିବାର ପ୍ରବଳ ସମ୍ଭାବନା ସୃଷ୍ଟି କରିଛନ୍ତି। ନୂଆ ରାଙ୍କିଙ୍ଗ ତାଲିକା ଅନୁଯାୟୀ, ଯଶପ୍ରୀତ ବୁମ୍ରା। ଏକାଥରେ ତିନୋଟି ସ୍ଥାନ ଉପରକୁ ଡେଇଁ ଇଂଲଣ୍ଡର ଦ୍ରୁତ ବୋଲର ଓଲି ରବିନସନଙ୍କ ୮୫୬ ରେଟିଂ ପଏଣ୍ଟ ସହିତ ସମକକ୍ଷ ହୋଇଛନ୍ତି। ଉଭୟ ବୋଲରଙ୍କ ରେଟିଂ ପଏଣ୍ଟ ସମାନ ଥିଲେ ମଧ୍ୟ କମ୍ ମ୍ୟାଚ୍ ଖେଳି ଏହି ସଫଳତା ହାସଲ କରିଥିବାରୁ ବୁମ୍ରା ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଏବଂ ରବିନସନ ତୃତୀୟ ସ୍ଥାନରେ ସ୍ଥାନ ପାଇଛନ୍ତି। ଅଷ୍ଟ୍ରେଲିଆର ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଏବେ ମଧ୍ୟ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି, କିନ୍ତୁ ବୁମ୍ରାଙ୍କ ଅପେକ୍ଷା ତାଙ୍କର ପଏଣ୍ଟ ମାତ୍ର ୨୫ ଅଧିକ ରହିଛି। ୱେଲିଂଟନ ଟେଷ୍ଟର ପ୍ରଥମ ଇନିଂସରେ ବୁମ୍ରା ୪ଟି ୱିକେଟ୍ ଏବଂ ଦ୍ୱିତୀୟ ଇନିଂସରେ ଗୋଟିଏ ୱିକେଟ୍ ସହ ମୋଟ ୫ଟି ୱିକେଟ୍ ଅକ୍ତିଆର କରିଥିଲେ, ଯାହା ତାଙ୍କୁ ରାଙ୍କିଙ୍ଗରେ ଏତେ ବଡ଼ ଲମ୍ଫ ମାରିବାରେ ସହାୟକ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ବୁମ୍ରା ୨୦୨୬ ଅଗଷ୍ଟ ମାସରୁ ଟେଷ୍ଟ ବୋଲିଂ ରାଙ୍କିଙ୍ଗର ଶୀର୍ଷରେ ଥିଲେ, କିନ୍ତୁ ସେହି ମାସର ଶେଷ ଭାଗରେ ଷ୍ଟାର୍କ ତାଙ୍କୁ ପଛରେ ପକାଇ ଏକ ନମ୍ବର ହୋଇଥିଲେ। ଆସନ୍ତା ଡିସେମ୍ବର ୧



ତାରିଖ ପରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବୁମ୍ରା ଯଦି ଏଭଳି ପ୍ରଭାବଶାଳୀ ଓ ଶାଣିତ ବୋଲିଂ ଜାରି ରଖନ୍ତି, ତେବେ ସେ ପୁଣି ଥରେ ବିଶ୍ୱର ଶ୍ରେଷ୍ଠ ଟେଷ୍ଟ ବୋଲରର ତାଜ୍ ପିନ୍ଧିବା ନେଇ ଆଶା ଦୃଢ଼ ହୋଇଛି। ଅନ୍ୟପଟେ ୱେଲିଂଟନ ଟେଷ୍ଟ ଭାରତୀୟ ବ୍ୟାଟରମାନଙ୍କ ପାଇଁ ମଧ୍ୟ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଛି ଏବଂ ବ୍ୟାଟିଂ ରାଙ୍କିଙ୍ଗରେ ଏହାର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳିଛି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଏହି ମ୍ୟାଚ୍ରେ ଭାରତର ପାଞ୍ଚ ଜଣ ଟପ୍ ଅର୍ଡର ବ୍ୟାଟର ଅତିକମରେ ୮୦ ରନ୍ ଲେଖାଏଁ ସଂଗ୍ରହ କରିଥିଲେ, ଯାହା ଫଳରେ ତିନି ଜଣ ଭାରତୀୟ ବ୍ୟାଟର ଶୀର୍ଷ ୧୦ ତାଲିକାରେ ପ୍ରବେଶ କରିପାରିଛନ୍ତି। ଭାରତୀୟ ବ୍ୟାଟରମାନଙ୍କ ମଧ୍ୟରେ ଋଷଭ ପନ୍ତ ସବୁଠାରୁ ଆଗରେ ରହିଛନ୍ତି ଏବଂ ଗୋଟିଏ ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ୱେଲିଂଟନ ଟେଷ୍ଟର ପ୍ରଥମ ଇନିଂସରେ ପନ୍ତ ୧୦ଟି ଚୌକା ଏବଂ ୬ଟି ଛକା ସହାୟତାରେ ବିସ୍ଫୋରକ ୧୨୮ ରନ୍ର ଇନିଂସ ଖେଳିଥିଲେ, ଯାହା ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇବା ସହିତ ତାଙ୍କୁ ବ୍ୟକ୍ତିଗତ ଭାବେ ରାଙ୍କିଙ୍ଗରେ ଆଗକୁ ବଢ଼ାଇଛି।

ଅଧିନାୟକ ଶୁବମନ ଗିଲ୍ ମଧ୍ୟ ନିଜର ଦୃଢ଼ ବ୍ୟାଟିଂ ବଳରେ ରାଙ୍କିଙ୍ଗରେ ଉନ୍ନତି କରିଛନ୍ତି। ସେ ୧୪୬ଟି ବଲ୍ର ସାମ୍ନା କରି ୯୮ ରନ୍ କରିଥିବା ବେଳେ ତାଲିକାରେ ତିନୋଟି ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନ ଦଖଲ କରିଛନ୍ତି। ତେବେ ଭାରତୀୟ ବ୍ୟାଟରମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ଲମ୍ଫ ମାରିଛନ୍ତି ଯୁବ ଓପନର ଯଶସ୍ୱୀ ଜୈସୱାଲ, ଯିଏ ମାତ୍ର ୮୯ଟି ବଲ୍ରେ ୮୫ ରନ୍ର ଦ୍ରୁତ ଓ ଆକ୍ରମଣାତ୍ମକ ଇନିଂସ ଖେଳି ପାଞ୍ଚଟି ସ୍ଥାନ ଉପରକୁ ଉଠି ୯ମ ସ୍ଥାନରେ ପହଞ୍ଚିଛନ୍ତି। ୱେଲିଂଟନ ଭଳି କଠିନ ପରିସ୍ଥିତିରେ ଭାରତୀୟ ବ୍ୟାଟରମାନଙ୍କ ଏହି ନିରନ୍ତର ରନ୍ ବର୍ଷା ବିରୋଧୀ ବୋଲରଙ୍କ ଉପରେ ଚାପ ସୃଷ୍ଟି କରିବା ସହ ଦଳର ବ୍ୟାଟିଂ ଗଭୀରତାକୁ ମଧ୍ୟ ପ୍ରମାଣିତ କରିଛି।

ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ଶୀର୍ଷ ପାଞ୍ଚଟି ସ୍ଥାନରେ କିନ୍ତୁ କୌଣସି ପରିବର୍ତ୍ତନ ଦେଖାଯାଇ ନାହିଁ ଏବଂ ପୂର୍ବ ସ୍ଥିତି ବଜାୟ ରହିଛି। ଇଂଲଣ୍ଡର ହ୍ୟାରୀ ବ୍ରୁକ୍ ପୂର୍ବଭଳି ପ୍ରଥମ ସ୍ଥାନରେ ରହିଥିବା ବେଳେ ଅଭିଜ୍ଞ ଜୋ ରୁଟ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ତୃତୀୟ ସ୍ଥାନରେ, ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଚତୁର୍ଥ ସ୍ଥାନରେ ଏବଂ ଅଭିଜ୍ଞ ଷ୍ଟିଭ ସ୍ମିଥ୍ ପଞ୍ଚମ ସ୍ଥାନରେ ନିଜର ସ୍ଥିତି ବଜାୟ ରଖିଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୱେଲିଂଟନ ଟେଷ୍ଟ ଡ୍ର ରହିବା ପରେ ଆଗାମୀ ଦ୍ୱିତୀୟ ଟେଷ୍ଟରେ ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ ଏବଂ ଏହି ମ୍ୟାଚ୍ର ଫଳାଫଳ ବୁମ୍ରାଙ୍କ ଏକ ନମ୍ବର ସ୍ଥାନ ଫେରିବା ସହ ଭାରତୀୟ ବ୍ୟାଟରମାନଙ୍କ ରାଙ୍କିଙ୍ଗକୁ ଆହୁରି ରୋଚକ କରିବ ବୋଲି ଆଶା କରାଯାଉଛି।

କୋର୍ଟ ବାହାରେ ହତ୍ୟା ଅଭିଯୁକ୍ତଙ୍କ ହାତ ହାଣିଦେଲେ, ତଳେ ପଡ଼ିବା ପରେ ଗୁଳି ମାରିଲେ

ନୂଆଦିଲ୍ଲୀ, ୨୫।୧୧:କୋର୍ଟ ବାହାରେ ବୀଭତ୍ସ ଘଟଣା। ଜଣେ ହତ୍ୟା ଅଭିଯୁକ୍ତକୁ ପୁଣେ କୋର୍ଟ ବାହାରେ ହୋଇଛି ଭୟଙ୍କର ଆକ୍ରମଣ। ପ୍ରଥମେ ଗୋଟିଏ କାତିରେ ତାଙ୍କୁ ଆକ୍ରମଣ କରିଯିବା ସହ ତାଙ୍କର ଦୁଇ ହାତକୁ ହାଣି ଦେଇଛନ୍ତି ଆକ୍ରମଣକାରୀ। ଏହାପରେ ତାଙ୍କ ଉପରକୁ ଏକାଧିକ ରାଉଣ୍ଡ ଗୁଳି ବି ମାଡ଼ କରାଯାଇଛି।ହତ୍ୟା ଅଭିଯୁକ୍ତ ଜଣଙ୍କ ମାମଲାର ଆଇନଗତ ପ୍ରକ୍ରିୟାରେ ସାମିଲ ହେବାକୁ କୋର୍ଟ ଆସିଥିଲେ। କିନ୍ତୁ ସର୍ବସମ୍ମୁଖରେ ତାଙ୍କୁ ଏଭଳି ଢଙ୍ଗରେ ଆକ୍ରମଣ କରାଯିବା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହତ୍ୟା ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ମନ୍ଦାର ମାରୁତି କିୱାଲେ। ସେ ପୁଣେ ସ୍ଥିତ ଶିବାଜୀନଗର କୋର୍ଟ ପରିସରକୁ ଆଜି ମଧ୍ୟାହ୍ନ ସମୟରେ ଆସିଥିଲେ। ସେ କୋର୍ଟ ପରିସରରେ ଥିବା ବେଳେ ହଠାତ୍ ୨ଟି ସ୍କୁଟିରେ ୫ରୁ ୬ ଜଣ ସେଠାରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣ ବ୍ୟକ୍ତିଙ୍କୁ ପ୍ରଥମେ ଧାରୁଆ କାତିରେ ବାରମ୍ବାର ହାଣି ପକାଇଥିଲେ। ସେ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଥିବା ବେଳେ ତାଙ୍କ ଉପରକୁ ଆକ୍ରମଣକାରୀ ଏକାଧିକ ରାଉଣ୍ଡ ଗୁଳି ଚଳାଇଥିଲେ। ସେ ତଳେ ପଡ଼ି ଛଟପଟ ହେଉଥିବା ବେଳେ ଆକ୍ରମଣକାରୀମାନେ ୨ଟି ସ୍କୁଟିରେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଗୋଟିଏ ଭିଡିଓରେ ଦେଖିବାକୁ ମିଳୁଛି ଯେ ମନ୍ଦାର ମାରୁତି କିୱାଲେ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ କିଛି ବାଟ ଚାଲିବା ପରେ ତଳେ ପଡ଼ି ଯାଉଛନ୍ତି। ତାଙ୍କର ଦୁଇଟି ଯାକ ଶରୀରରୁ ଅଧା ଝୁଲି ରହିଛି। କିଛି ଲୋକ ସେଠାରେ କେବଳ ଦେଖେଣାହାରାଙ୍କ ଭଳି ଛିଡ଼ା ହୋଇଛନ୍ତି।ପରବର୍ତ୍ତୀ ଅବସ୍ଥାରେ ୩୫ ବର୍ଷୀୟ କିୱାଲେଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ରହିଛି। ପୁଲିସ୍ ଘଟଣା ସ୍ଥଳରୁ ୨ଟି ପିସ୍ତଲ ଓ ଗୋଟିଲ ମାଗାଜିନ ଜବତ କରିଛି। ପୁଲିସ୍ର କହିବା କଥା ଯେ କିୱାଲେ ୨୦୨୫ ଏପ୍ରିଲ ମାସରେ ଗୋଟିଏ ରେଷ୍ଟୁରାଣ୍ଟର ମାଲିକ ୨୬ ବର୍ଷୀୟ ଶୁଭମ ସୁଭାଷ ଚୌହାନଙ୍କ ହତ୍ୟାକାଣ୍ଡର ଅଭିଯୁକ୍ତ। ଏଥିପାଇଁ ସେ ଜେଲ ମଧ୍ୟ ଯାଇଥିଲେ। ଜମି ଓ ଆର୍ଥିକ ବିବାଦ ଯୋଗୁ ପୁଣେର ସନ୍ତୋନଗର କାତ୍ରଜ ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଥିଲା। କିୱାଲେ ଓ ତାଙ୍କ ସହଯୋଗୀମାନେ ଶୁଭମ ସୁଭାଷଙ୍କୁ ଷ୍ଟମ୍ପରେ ପିଟିପିଟି ମାରି ଦେଇଥିବା ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ମୁଖ୍ୟ ଅଭିଯୁକ୍ତ ଅମର, ସହଯୋଗୀ ଗିରିଶ, ଯୋଗେଶ ସମେତ କିୱାଲେଙ୍କୁ ଗିରଫ କରିଥିଲା।ପ୍ରାୟ ଗୋଟିଏ ବର୍ଷ ଧରି ଜେଲରେ ରହିବା ପରେ କିୱାଲେ ୪ ଦିନ ତଳେ ଖଲାସ ହୋଇଥିଲେ। ଆଜି ସେ ଆଇନଗତ ପ୍ରକ୍ରିୟାରେ ସାମିଲ ହେବାକୁ କୋର୍ଟକୁ ଆସିଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି। ଏପଟେ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର ପୁଣେ ପୁଲିସ୍ କମିଶନରଙ୍କ ସହ କଥା ହୋଇଛନ୍ତି ଓ ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ମାଗିଛନ୍ତି। ସେ ଅଭିଯୁକ୍ତଙ୍କୁ ଚିହ୍ନଟ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଭୁବନେଶ୍ୱରରେ ନିର୍ମାଣ ହେବ ୮୦ କୋଟି ଟଙ୍କାର ପାଣ୍ଡରା ରିଭରଫ୍ରଣ୍ଟ ପ୍ରକଳ୍ପ

ଭୁବନେଶ୍ୱର: ରାଜ୍ୟର ନଦୀଭିତ୍ତିକ ପର୍ଯ୍ୟଟନର ବିକାଶ ଓ ନାଗରିକଙ୍କ ପାଇଁ ଉନ୍ନତ ଜନସ୍ଥାନ ସୃଷ୍ଟି ଲକ୍ଷ୍ୟରେ ଭୁବନେଶ୍ୱର ନିକଟସ୍ଥ ପାଣ୍ଡରା।ଠାରେ ୮୦ କୋଟି ଟଙ୍କା ବ୍ୟୟରେ ରିଭରଫ୍ରଣ୍ଟ ପ୍ରକଳ୍ପ ବିକଶିତ ହେବ। ଏହି ପ୍ରକଳ୍ପ ମାଧ୍ୟମରେ କୁଆଖାଇ ଓ କୁଶଭଦ୍ରା ନଦୀ ମଧ୍ୟରେ ଥିବା ପ୍ରାକୃତିକ ଦ୍ୱୀପକୁ ଏକ ଆକର୍ଷଣୀୟ ପର୍ଯ୍ୟଟନ, ସାଂସ୍କୃତିକ ଓ ମନୋରଞ୍ଜନସ୍ଥଳୀ ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି।

ଜଳ ସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହି ପ୍ରକଳ୍ପ ରାଜ୍ୟ ସରକାରଙ୍କ ୨,୨୪୦ କୋଟି ଟଙ୍କାର ମହାନଦୀ ରିଭରଫ୍ରଣ୍ଟ ବିକାଶ ଯୋଜନାର ଏକ ଅଂଶ। ଏହି ଯୋଜନା ମାଧ୍ୟମରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ପର୍ଯ୍ୟଟନ, ପରିବେଶ ଓ ଆର୍ଥିକ ସମ୍ଭାବନାର ଉପଯୋଗ କରାଯିବ।

ପ୍ରକଳ୍ପର ମୁଖ୍ୟ ଆକର୍ଷଣ ଭାବେ ୧.୫ କିଲୋମିଟର ଦୀର୍ଘ ନଦୀତଟ ପଦଚଲା ପଥ, ଘାଟ, ଭାସମାନ ଜେଟି, ସୁସଜ୍ଜିତ ଜନସ୍ଥାନ, ଦର୍ଶନୀୟ ସ୍ଥାନ ଏବଂ ସାଇକେଲ ଓ ପଦଯାତ୍ରା ପଥ ନିର୍ମାଣ କରାଯିବ। ଏଥିସହ ଦୁଇ କିଲୋମିଟରରୁ ଅଧିକ ଦୀର୍ଘ ଉଚ୍ଚତା ବିଶିଷ୍ଟ ଟ୍ରି-ୱାକ୍ ନିର୍ମାଣ କରାଯାଇ ପର୍ଯ୍ୟଟକଙ୍କୁ ନଦୀ ଓ ପ୍ରାକୃତିକ ପରିବେଶର ମନୋରମ ଦୃଶ୍ୟ ଉପଭୋଗ କରିବାର ସୁଯୋଗ ଦିଆଯିବ।

୩ ବର୍ଷରେ ୩୪୭ ଡିଲରଙ୍କ ଲାଇସେନ୍ସ ବାତିଲ

ଭୁବନେଶ୍ୱର, ୨୫।୧୧: ରାସନ ବଣ୍ଟନରେ ଅନିୟମିତତା, ଖାଦ୍ୟଶସ୍ୟ ହଡ଼ପ ଓ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ପରିମାଣଠାରୁ କମ୍ ସାମଗ୍ରୀ ଦେବା ଘଟଣାକୁ ନେଇ ରାଜ୍ୟରେ କଠୋର ହୋଇଛନ୍ତି ସରକାର। ଗତ ତିନି ବର୍ଷ ମଧ୍ୟରେ ରାସନ ବଣ୍ଟନରେ ଅନିୟମିତତା ସମ୍ପର୍କରେ ୨୭୩ଟି ଅଭିଯୋଗ ମିଳିଥିବା ବେଳେ ଅନିୟମିତତାରେ ସମ୍ପୃକ୍ତ ଡିଲରଙ୍କ ବିରୋଧରେ ନିଆଯାଇଛି ବଡ଼ କାର୍ଯ୍ୟାନୁଷ୍ଠାନ। ଏହି ସମୟ ମଧ୍ୟରେ ୩୪୭ ଜଣ ରାସନ ଡିଲରଙ୍କ ଲାଇସେନ୍ସ ବାତିଲ କରାଯାଇଥିବା ବେଳେ ୯ ଜଣଙ୍କ ବିରୋଧରେ ଏତଲା ରୁଜୁ ହୋଇଛି। ଜଣେ ଡିଲରଙ୍କ ବିରୋଧରେ ମାମଲା ମଧ୍ୟ ଦାୟର କରାଯାଇଛି। ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ତଥ୍ୟରୁ ରାଜ୍ୟରେ ରାସନ ବଣ୍ଟନ ବ୍ୟବସ୍ଥାରେ ଅନିୟମିତତା ରୋକିବା ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଜଣାପଡ଼ିଛି। ଏଥିସହ ଖାଦ୍ୟଶସ୍ୟର ସ୍ୱଚ୍ଛ ବଣ୍ଟନ ଓ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ଅଧିକାର ପ୍ରଦାନ ପାଇଁ ନୂଆ ବ୍ୟବସ୍ଥା ଲାଗୁ କରାଯାଇଛି।ଏହି ତିନି ବର୍ଷରେ ୩୪୭ ଡିଲରଙ୍କ ଲାଇସେନ୍ସ ବାତିଲ୍ଏହି ଅଭିଯୋଗଗୁଡ଼ିକ ଆଧାରରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ, ୧୯୫୫ ଅନୁଯାୟୀ ଦୋଷୀ ଡିଲରଙ୍କ ବିରୋଧରେ ପଦକ୍ଷେପ ନିଆଯାଇଛି। ଏହି ଆଇନ ଅଧୀନରେ ୩୪୭ ଜଣ ଡିଲରଙ୍କ ଲାଇସେନ୍ସ ବାତିଲ କରାଯାଇଛି। ଏହାସହ ୯ ଜଣଙ୍କ ବିରୋଧରେ ଏତଲା ରୁଜୁ ହୋଇଥିବା ବେଳେ ଜଣେ ଡିଲରଙ୍କ ବିରୋଧରେ ମାମଲା ଦାୟର ହୋଇଛି। ଅନ୍ୟପକ୍ଷରେ ଦୁଇ ବର୍ଷର ପୃଥକ୍ ତଥ୍ୟରେ ରାସନ ବଣ୍ଟନ ସମ୍ପର୍କିତ ୪୦ଟି ଅନିୟମିତତା ମାମଲା ସାମ୍ନାକୁ ଆସିଛି। ଏହି ଘଟଣାଗୁଡ଼ିକରେ ପ୍ରାୟ ୧,୫୯୪ କ୍ୱିଣ୍ଟାଲ ଖାଦ